ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.263 Bhubaneswar Friday December 01 2023 | ୨୬ତମ ବର୍ଷ | ସଂଖ୍ୟା–୨୬୩ ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୦୧, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଜାତୀୟ ଶିକ୍ଷା ନୀତି ୨୦୨୦ ଲାଗୁ କରିବାକୁ କୁଳାଧିପତିଙ୍କ ପରାମର୍ଶ



ଭୁବନେଶ୍ୱର,୩୦।୧୧(ପି.ଏନ): ଜାତୀୟ ଶିକ୍ଷା ନୀତି ୨୦୨୦ ଲାଗୁ କରିବା ପାଇଁ ଏକ ନୀତି ନିର୍ଘଂଟ ପ୍ରଣୀତ ହେବା ଦରକାର। ପ୍ରଥମ ପର୍ଯ୍ୟାୟରେ ଚାରି ବର୍ଷିଆ ସ୍ନାତକ ଶିକ୍ଷା ପ୍ରଚଳନ ପାଇଁ ବ୍ୟବସ୍ଥା ହେବା ଦରକାର। ଏଥି ନିମନ୍ତେ ପାଠ୍ୟକ୍ରମ, ସଂରଚନା, ଦକ୍ଷତା ବିକାଶ ଓ ଧନ୍ଦାମୂଳକ ପାଠ୍ୟକ୍ରମ ପ୍ରସ୍ତୁତ ହେବା ଆବଶ୍ୟକ। ଜାତୀୟ ଶିକ୍ଷା ନୀତି ୨୦୨୦ ଅନ୍ତର୍ଗତ ପ୍ରଶିକ୍ଷଣ, ପ୍ରୋଜେକ୍ଟ କାର୍ଯ୍ୟ ଓ ଇଂଟରନ୍‌ସିପ୍ ସହ ଶିଳ୍ପ ସଂଯୋଗର ଭିତ୍ତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ପରାମର୍ଶ ଦେଇଛନ୍ତି।ଆଜି ରାଜଭବନରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି ସମ୍ମିଳନୀରେ ଉଦ୍‌ବୋଧନ ଦେଇ କୁଳାଧିପତି କହିଛନ୍ତି ଯେ ଓଡ଼ିଶାରେ ବହୁ ଉଚ୍ଚମାନର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଛି। ଭୁବନେଶ୍ୱର ପୂର୍ବ ଭାରତର ଶୈକ୍ଷିକ କେନ୍ଦ୍ର ହେବା ସ୍ଥଳେ ଗୋଟିଏ ବି ପ୍ରମୁଖ ଜାତୀୟସ୍ତରୀୟ ଶିକ୍ଷା ଅନୁଷ୍ଠାନ ଓଡ଼ିଶାରେ ନରହିବା ନିଶ୍ଚିତ ରୂପେ ଚିନ୍ତାର ବିଷୟ। ଏ ଦିଗରେ ପ୍ରୟାସ କରିବାକୁ କୁଳାଧିପତି ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। କୁଳାଧିପତି ଶ୍ରୀ ଦାସ ଆହୁରି କହିଛନ୍ତି ଯେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ସ୍ନାତକ ଶିକ୍ଷାସ୍ତରରେ ରିସର୍ଚ୍ଚ ଆଣ୍ଡ ଡେଭଲପମେଂଟ ସେଲ୍ ପ୍ରତିଷ୍ଠା ହେବା ଦରକାର ଏବଂ ବହୁ ସଂଖ୍ୟାରେ ପେଟେଂଟ୍ ହାସଲ ପାଇଁ ଉଦ୍ୟମ କରିବାକୁ କୁଳାଧିପତି କହିଛନ୍ତି। ବ୍ୟାପକ ବୈଷୟିକ ଜ୍ଞାନକୌଶଳ, ପ୍ରଯୁକ୍ତି ବିଦ୍ୟା, ଇ-ଅଫିସ୍, ଡିଜିଟାଲ୍ ମାଧ୍ୟମର ବିପୁଳ ଉପଯୋଗ ଓ ନିୟମିତ ଅଡିଟ୍ ଉପରେ କୁଳାଧିପତି ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶାରେ ୬୨ ଜନଜାତି ସଂପ୍ରଦାୟ ରହୁଛନ୍ତି, ଯେଉଁମାନେ ଓଡ଼ିଶାର ଜନସଂଖ୍ୟାର ପ୍ରାୟ ୨୩ଶତାଂଶ। ସେମାନଙ୍କ ଭାଷା, ସଂସ୍କୃତି, ଗୀତସଂଗୀତ, ଜୀବନଶୈଳୀ ଓ ଆଚାରବ୍ୟବହାର ସଂପର୍କରେ ସ୍ଥାନୀୟ ବିଶ୍ୱବିଦ୍ୟାଳୟ ତଥ୍ୟ ସଂଗ୍ରହ, ଗବେଷଣା, ମ୍ୟୁଜିଅମ ପ୍ରତିଷ୍ଠା ଉପରେ ଧ୍ୟାନ ଦେବା ଦରକାର ବୋଲି କୁଳାଧିପତି ପରାମର୍ଶ ଦେଇଛନ୍ତି। ଭାରତ ସରକାର ଉଚ୍ଚ ଶିକ୍ଷାର ବିକାଶ ନିମନ୍ତେ ବିବିଧ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ସରକାର ମଧ୍ୟ ପର୍ଯ୍ୟାପ୍ତ ସହଯୋଗ କରୁଛନ୍ତି। ଏସବୁର ଉପଯୋଗ କରି ଭଲ ଗ୍ରେଡ୍ ହାସଲ କରିବାକୁ ତଥା ଶିକ୍ଷା ଓ ଗବେଷଣାକୁ ପ୍ରାଧାନ୍ୟ ଦେବାକୁ କୁଳାଧିପତି କହିଛନ୍ତି।ଠିକଣା ସମୟରେ ପରୀକ୍ଷା କରିବା ସହ ଠିକ୍ ସମୟରେ ଫଳ ପ୍ରକାଶନ ଓ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବାକୁ କୁଳପତିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୁଳପତି ସମ୍ମିଳନୀରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସମ୍ମିଳନୀର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇ ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ଥିତି ଓ ପରିଚାଳନା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡ.ଅରବିନ୍ଦ ପାଢ଼ୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଶାଳିନୀ ପଣ୍ଡିତ, ଉଚ୍ଚ ଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଗଙ୍ଗାଧର ସାହୁ, ଓକାକ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ମନୋଜ ପଟ୍ଟନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୁଦନ ଦାସ ପ୍ରମୁଖ ନିଜ ବିଭାଗ ଅନ୍ତର୍ଗତ ବିଶ୍ୱବିଦ୍ୟାଳୟର ସ୍ଥିତି ଓ ପ୍ରଗତି ସଂପର୍କରେ ବକ୍ତବ୍ୟ ରଖିଥିଲେ। କୁଳପତିମାନେ ବିଶ୍ୱବିଦ୍ୟାଳୟର ପ୍ରଗତି, ଭବିଷ୍ୟତର ଯୋଜନା, କାର୍ଯ୍ୟାନ୍ୱୟନ ବିଷୟରେ ତଥ୍ୟ ସୂଚନା ଦେବା ସହ ବିଭିନ୍ନ ସମସ୍ୟା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାରଙ୍କ ସହ ସମନ୍ୱୟ ରଖି ବିଶ୍ୱବିଦ୍ୟାଳୟର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବାକୁ କୁଳାଧିପତି ପରାମର୍ଶ ଦେଇଥିଲେ। ସମ୍ମିଳନୀରେ କୁଳପତିଙ୍କ ସହ କୁଳ ସଚିବ ଓ ବି ନିୟନ୍ତ୍ରକ ତଥା ରାଜଭବନର ଅଧିକାରୀମାନେ ଯୋଗ ଦେଇଥିଲେ।

## ମଧ୍ୟପ୍ରଦେଶରେ କାହାକୁ ଭୋଟ୍ ଦେଇଛନ୍ତି ଲୋକେ, ବିଜେପି ରହିବ ନା ଯିବ



ଭୁବନେଶ୍ୱର,୩୦।୧୧(ପି.ଏନ): ମଧ୍ୟ ପ୍ରଦେଶ ବିଧାନସଭାର ୨୩୦ଟି ଆସନ ପାଇଁ ନଭେମ୍ବର ୧୭ ତାରିଖରେ ଭୋଟ୍ ଗ୍ରହଣ ହୋଇଥିଲା। ଏଠାରେ ସରକାର ଗ?ିବା ପାଇଁ ଯେକୌଣସି ଦଳ ବା ମେଣ୍ଟକୁ ୧୧୬ଟି ଆସନ ଜିତିବାକୁ ପଡିବ। ଏବେ ରାଜ୍ୟରେ ବିଜେପି କ୍ଷମତାରେ ଥିବା ବେଳେ କଂଗ୍ରେସ ଶାସନ ଡୋର ଧରିବାକୁ ଆଶା ବାନ୍ଧିଛି। ହେଲେ ମଧ୍ୟ ପ୍ରଦେଶବାସୀ କାହାକୁ ଦେଇଛନ୍ତି ଭୋଟ୍? ତାହା ଡିସେମ୍ବର ୩ ତାରିଖରେ ଫଳାଫଳ ଆସିବା ପରେ ଜଣାପଡିବ। କିନ୍ତୁ ଆଜି ଆସିଛି ବିଭିନ୍ନ ଜାତୀୟ ଗଣମାଧ୍ୟମ ଓ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ୍? ତଥ୍ୟ।ଇଣ୍ଡିଆ ଟୁଡେ-ଆକ୍ସିସ ମାଇଁ ଇଣ୍ଡିଆ (ଓଭୟସବ ଞକ୍ସୟବଚ୍ଚ-ଇଙ୍ଘସଗ୍ଧ ଗଚ୍ଚ ଓଭୟସବ)ର ଏକ୍?ଜିଟ୍ ପୋଲ୍ ତଥ୍ୟ ଅନୁଯାୟୀ ବିଜେପି ୧୪୦ରୁ ୧୬୨ଟି ଆସନରେ ଜିତିବ। କଂଗ୍ରେସକୁ ୬୮ରୁ ୯୦ଟି ଆସନ ମିଳିବ। ଅନ୍ୟାନ୍ୟଙ୍କୁ ୦ରୁ ୩ଟି ଆସନ ମିଳିବ।ଇଣ୍ଡିଆ ଟିଭି-ସିଏନ୍?ଏକ୍ସର ତଥ୍ୟ କହୁଛି ବିଜେପି ୧୪୦ରୁ ୧୫୯ଟି ଆସନ ଜିତିବ। କଂଗ୍ରେସକୁ ୭୦ରୁ ୮୯ଟି ଆସନ ମିଳିବ। ଜରକ୍ସ୍ଟଙ୍କଭକ୍ଷସମ ଝଠ-ଗବଗ୍ଧକ୍ସଷ୍ଟଚ୍ଛରର ସର୍ଭେ? ଅନୁସାରେ ବିଜେପି ୧୧୮ରୁ ୧୩୦ ଆସନ ଓ କଂଗ୍ରେସ ୯୭ରୁ ୧୦୭ଟି ଆସନରେ ଜିତିବେ। ଅନ୍ୟାନ୍ୟ ଦଳଗୁଡିକୁ ୨ଟି ଆସନ ମିଳିବ। ସେହିପରି ଞକ୍ସୟବଚ୍ଚ'ଗ୍ଧ ଉଷବଭବଳଚ୍ଛବର ଏକଜିଟ୍ ପୋଲ୍ ଅନୁଯାୟୀ ବିଜେପିକୁ ବିପୁଳ ବିଜୟ ମିଳିବ। ଦଳ ୧୩୯ରୁ ୧୬୩ଟି ଆସନ ଜିତିବ। କଂଗ୍ରେସ ୬୨ରୁ ୮୬ଟି ଆସନ ପାଇବ। ଅନ୍ୟାନ୍ୟ ଦଳକୁ ୧ରୁ ୯ଟି ଆସନ ପାଇବେ। ଏହି ତଥ୍ୟଗୁଡିକୁ ଦେଖିଲେ ଜଣାପଡୁଛି ବିଜେପି ସହଜରେ ଜିତି ଯିବ। ଅନ୍ୟପକ୍ଷରେ ଜନ୍? କି ବାତ୍?ର ସର୍ଭେ? ଅନୁଯାୟୀ ବିଜେପି ୧୧୦ରୁ ୧୨୩ଟି ଆସନ ଜିତିବ। କଂଗ୍ରେସକୁ ୧୦୦ରୁ ୧୨୫ଟି ଆସନ ମିଳିବ। ସେହିପରି ଦୈନିକ ଭାସ୍କରର ତଥ୍ୟ ଅନୁସାରେ ବିଜେପିକୁ ୯୫ ୧୧୫ ଓ କଂଗ୍ରେସକୁ ୧୦୫ରୁ ୧୨୦ ଆସନ ମିଳିବ। ଚକ୍ଟକ୍ଷଗ୍ଧଗ୍ଧକ୍ସବଗ୍ଧର ସର୍ଭେ? କହୁଛି ବିଜେପି ୧୦୬ରୁ ୧୧୬ ଆସନରେ ଜିତିବ। କଂଗ୍ରେସ ୧୧୧ରୁ ୧୨୧ଟି ଆସନ ଜିତିବ। ଅନ୍ୟାନ୍ୟଙ୍କୁ ୦ରୁ ୬ଟି ଆସନ ମିଳିବ। ଅର୍ଥାତ୍ କଡା ଟକ୍କର ହେବ ବୋଲି ଏହି କେତୋଟି ସର୍ଭେ?ର ତଥ୍ୟରୁ ଜଣାପଡୁଛି।

## ଆହୁରି ଶକ୍ତିଶାଳୀ ହେବ ବାୟୁସେନା, ୯୭ ତେଜସ ଓ ୧୫୬ ପ୍ରଚଣ୍ଡ ହେଲିକପ୍ଟର କ୍ରୟକୁ ମଞ୍ଜୁରୀ



ଭୁବନେଶ୍ୱର,୩୦।୧୧(ପି.ଏନ): ଥରିବେ ଶତ୍ରୁ ପକ୍ଷ। ଆହୁରି ଶକ୍ତିଶାଳୀ ହେବ ଭାରତୀୟ ବାୟୁସେନା। ସାମିଲ ହେବ ଆଉ ୯୭ଟି ଲଢୁଆ ବିମାନ ତେଜସ। ସେହିପରି ୧୫ଟି ପ୍ରଚଣ୍ଡ ଆଟାକ୍ ହେଲିକପ୍ଟରକୁ ମଧ୍ୟ ସାମିଲ କରାଯିବ। ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ଏସବୁ ଲ?ୁଆ ବିମାନ କ୍ରୟ କରିବାକୁ ଆଜି ମଞ୍ଜୁରୀ ପ୍ରଦାନ କରିଛି। ଏହି ଦୁଇ ଫାଇଟର ଜେଟ୍‌ର ଦାମ୍ ପାଖାପାଖି ୧ ଲକ୍ଷ ୧୦ ହଜାର କୋଟି ଟଙ୍କା ରହିଛି। ଏହି ଦୁଇ ସ୍ୱଦେଶୀ ବିମାନ ଭାରତରେ ବିକଶିତ ହୋଇଛି। ଏହି ନିଷ୍ପତ୍ତି ଦ୍ୱାରା ଭାରତୀୟ ସେନା ସହିତ ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଥିବା କମ୍ପାନୀ ଗୁଡିକର ମଧ୍ୟ ଫାଇଦା ହେବ।

## ସ୍ୱାସ୍ଥ୍ୟନିରାପତ୍ତା ଓ ସାମାଜିକ ସୁରକ୍ଷା ଶ୍ରମିକର ମୌଳିକ ଅଧିକାର



ଦିଲ୍ଲୀ, ୩୦/୧୧(ପି.ଏନ) : ସ୍ୱାସ୍ଥ୍ୟନିରାପତ୍ତା ଓ ସାମାଜିକ ସୁରକ୍ଷା ଶ୍ରମିକର ମୌଳିକ ଅଧିକାର ଭାରତ ସମେତ ସମସ୍ତ ଦକ୍ଷିଣ ଏସିଆ ଦେଶଗୁଡ଼ିକ ଏହା କାର୍ଯ୍ୟକାରୀ ନ ହେଲେ ଶ୍ରମିକ କର୍ମଚାରୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ। ଉତ୍ତର ପ୍ରଦେଶରେ ୧୭ ଦିନ ଟନେଲରେ ବନ୍ଦୀ ଥିବା ଶ୍ରମିକମାନଙ୍କର ଅବସ୍ଥା ଅନୁଧ୍ୟାନ କଲେ ଭାରତରେ ଥିବା ୯୩% ଅସଂଗଠିତ ଶ୍ରମିକମାନଙ୍କର ଅବସ୍ଥା ସହଜରେ ଅନୁମେୟ। ଭାରତରେ ଖବର ଅଧିକାର, ଶିକ୍ଷାଅଧିକାର, ଖାଦ୍ୟନିରାପତ୍ତା ଆଇନ, କାର୍ଯ୍ୟ କରିବା ଅଧିକାର, କାର୍ଯ୍ୟକ୍ଷେତ୍ରରେ ଯୌନନିର୍ଯ୍ୟାତନା ସୁରକ୍ଷା ଆଇନ ହୋଇଥିବାବେଳେ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା ଅଧିକାର ପାଇଁ ଭାରତ ସମେତ ନେପାଳ, ପାକିସ୍ତାନ, ଶ୍ରୀଲଙ୍କା, ବାଙ୍ଗେଲାଦେଶ ସମେତ ସମସ୍ତ ଦେଶରେ ଜାତୀୟ ସରକାର ଆଇନ ଆଣିବା ପାଇଁ ରାଷ୍ଟ୍ରୀୟ ମଦ୍‌ଜୁର କଂଗ୍ରେସ ଜାତୀୟ କମିଟି ଉପସଭାପତି ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି ତା. ୨୯ ଓ ୩୦ ନଭେମ୍ବର ମାଲେସିଆର କୁଲାଲାମ୍ ଠାରେ ଅନୁଷ୍ଠିତ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଆଂଚଳିକ କମିଟିରେ ଉଦ୍‌ବୋଧନ ଦେଇ କହିଛନ୍ତି। ଠିକା ଶ୍ରମିକ, ପ୍ରବାସୀ ଶ୍ରମିକ ମାନଙ୍କର ଅବସ୍ଥା ସବୁଠାରୁ ସଂକଟଜନକ, ଅନ୍ତରାଜ୍ୟ ପ୍ରବାସୀ ଶ୍ରମିକ ଓ ଆର୍ନ୍ତଜାତିକ ପ୍ରବାସୀ ଶ୍ରମିକ ଶ୍ରମିକଙ୍କ ପାଇଁ ଦୁଇ ଦେଶ ଓ ଦୁଇ ରାଜ୍ୟ ସରକାରରାଙ୍କ ମଧ୍ୟରେ ମଜୁରୀ ସ୍ୱାସ୍ଥ୍ୟ ନିରାପତ୍ତା ସାମାଜିକ ସୁରକ୍ଷା ପାଇଁ ଚୁକ୍ତି ହେବା ଆଇନ ଭାରତ ବାଙ୍ଗଲାଦେଶ, ନେପାଳ, ପାକିସ୍ତାନ, ଆଫଗାନୀସ୍ଥାନ, ମାଲେସିଆ ସମସ୍ତ ଦକ୍ଷିଣ ଏସିଆଦେଶ ଗୁଡ଼ିକ, ଜାତି ସଂଘ ଦ୍ୱାରା ପ୍ରସ୍ତୁତ ପ୍ରବାସୀ ଶ୍ରମିକଙ୍କ ପାଇଁ କନଭେନସନ ଜରୁରୀକରି ଏହାକୁ ଦକ୍ଷିଣ ଏସିଆ ଶ୍ରମିକମାନଙ୍କ ପାଇଁ ଲାଗୁ କରିବା ପାଇଁ ଶ୍ରୀ ଖୁଣ୍ଟିଆ ଦାବୀ କରି କହିଛନ୍ତି। ଏହି ବୈଠକରେ ଉପସଭାପତି ଶ୍ରୀ ଜେନନାନୁନ, ସାଧାରଣ ସମ୍ପାଦକ, ଶ୍ରୀ ଆମ୍ଯେତ ୟୁସୁନ ଶ୍ରୀ ଆପୋଲିନାର ଟଲୋଷ୍ଟ, ଡକ୍ଟର ରାଜୀବ ଶର୍ମା, ଶ୍ରୀମତୀ ପ୍ରେରଣା ପ୍ରସାଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## କଂଗ୍ରେସ ହାତରୁ ରାଜସ୍ଥାନକୁ ଛଡାଇ ନେବ କି ବିଜେପି

ଭୁବନେଶ୍ୱର,୩୦।୧୧(ପିଏନ):ରାଜସ୍ଥନ ବିଧାନସଭା ନିର୍ବାଚନ ପାଇଁ ନଭେମ୍ବର ୨୫ ତାରିଖରେ ଭୋଟ୍ ଗ୍ରହଣ ହୋଇଥିଲା। ଏଠାରେ ୨୦୦ଟି ଆସନ ଥିବା ବେଳେ ୧୯୯ଟି ଆସନ ପାଇଁ ଭୋଟ୍ ଗ୍ରହଣ ହୋଇଛି। ରାଜସ୍ଥାନରେ କଂଗ୍ରେସ କ୍ଷମତାସୀନ ଥିବା ବେଳେ ଏଥର ଆଉ ସରକାର ଗଢ଼ି ପାରିବ ନାହିଁ ବୋଲି ବିଭିନ୍ନ ଜାତୀୟ ଗଣମାଧ୍ୟମ ଓ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ୍ ମଧ୍ୟରୁ ଅଧିକାଂଶଙ୍କ ତଥ୍ୟରୁ ଜଣାପଡିଛି। ତେବେ ଆଉ କେତୋଟି ସଂସ୍ଥାର ଏକ୍‌ଜିଟ୍ ପୋଲ୍ ତଥ୍ୟକୁ ସମୀକ୍ଷା କଲେ ଏଥର ଝୁଲା ବିଧାନସଭା ଦେଖିବାକୁ ମିଳିବ ବୋଲି ଆକଳନ କରାଯାଉଛି।ରାଜସ୍ଥାନରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୧୦୦। P-Marqର ଏକ୍‌ଜିଟ୍ ପୋଲ୍ ଅନୁଯାୟୀ ରାଜ୍ୟରେ ଏଥର ବିଜେପି ୧୦୫ରୁ ୧୨୫ଟି ଆସନ ହାତେଇବ। କଂଗ୍ରେସ ୬୯-୯୧ଟି ଆସନରେ ଜିତିବ। ଅନ୍ୟାନ୍ୟ ଦଳକୁ ଗୋଟିଏ ବି ଆସନ ମିଳିବ ନାହିଁ। Times Now-ETଏର ତଥ୍ୟ ଅନୁଯାୟୀ ବିଜେପି ୧୦୮ରୁ ୧୨୮ଟି ଓ କଂଗ୍ରେସ ୫୬ରୁ ୭୨ଟି ଆସନରେ ଜିତିବେ।

## ମିଶନ ଶକ୍ତି ବିଭାଗ ପକ୍ଷରୁ ଲିଙ୍ଗ ଭିତ୍ତିକ ହିଂସାର ପରିସମାପ୍ତି ନିମନ୍ତେ ଜିଲ୍ଲା ସ୍ତରୀୟ କାର୍ମଶାଳା ଅନୁଷ୍ଠିତ



ପାରଳାଖେମୁଣ୍ଡି,୩୦।୧୧(ପି.ଏନ): ମିଶନ ଶକ୍ତି ବିଭାଗ ପକ୍ଷରୁ ଲିଙ୍ଗ ଭିତ୍ତିକ ହିଂସାର ପରିସମାପ୍ତି ନିମନ୍ତେ ଜିଲ୍ଲା ସ୍ତରୀୟ କାର୍ମଶାଳା ଆଜି ଅନୁଷ୍ଠିତ ହୋଯାଇଅଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ମିଶନ ଶକ୍ତିର ମହିଳା ମାନଙ୍କୁ ନେଇ ଏକ ଶଭାଯାତ୍ରା ବାହାରି ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା । ଏହି ଶଭାଯାତ୍ରାକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ପରେ ସ୍ଥାନୀୟ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ସମ୍ମିଳନୀ କକ୍ଷ ଠାରେ ଏକ ଦିନିକିଆ କାର୍ମଶାଳା ଅନୁଷ୍ଠିତ ହୋଯାଇଅଛି । ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ ଶ୍ରୀ ରବିନରଣ ବେହେରା,ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ଟିମନ ବରା,ଡ଼ା.ସନ୍ଧ୍ୟା ରାଣୀ ସାହୁ, ଜିଲ୍ଲା ମୁଖ୍ୟ ଚ଼ିକିତ୍ସା କାର୍ଯ୍ୟଳୟ ପାରଳାଖେମୁଣ୍ଡି,ଜିଲ୍ଲା ସାମାଜିକ ସୁରକ୍ଷା ପ୍ରୋଗ୍ରାମ ଅଫିସର ଶ୍ରୀମତୀ କେ.ସୁନୀତା ପ୍ରମୁକ ଯୋଗ ଦେଇ ବିଭିନ୍ନ ଯୋଜନା ବିଷୟରେ ଆଲୋଚ଼ନା କରି ସଚେତନତା କରାଯାଇଥିଲା। ଏହି ଅବସରରେ ମିଶନ ଶକ୍ତି ବିଭାଗସ୍ଥ ଓଡ଼ିଶା ଜୀବିକା ମିଶନ ସ୍ୱଂୟ ସହାୟକ ଗୋଷ୍ଠୀ ମାନଙ୍କର ଏକ ବିସ୍ତୃତ ସମୂହ ମହିଳା ମାନଙ୍କର ଆର୍ଥିକ ସଶକ୍ତିକରଣ ଦିଗରେ ଓଡ଼ିଶା ଜୀବିକା ମିଶନ ଦୀର୍ଘ ଦିନ ଧରି କାର୍ଯ୍ୟ କରିଆସୁଛି କିନ୍ତୁ ଜଣେ ମହିଳା କୁ ଆମେ ସମ୍ପୂର୍ଣ ସଶକ୍ତ କହିପାରିବା ଯେବେ ସେ ନିଜର ସାମ୍ବିଧାନିକ ଅଧିକାର ଏବଂ ବିଭିନ୍ନ ସୁରକ୍ଷା ଆଇନ ବିଷୟ ରେ ଅବଗତ ହୋଇ ଏକ ଅନ୍ୟାୟ ଏବଂ ହିଂସା ମୁକ୍ତ ଜୀବନ ବଞ୍ଚି ପାରିବ। ଏଣୁ ଜାତୀୟ ସ୍ତରରେ ନଭେମ୍ବର ମାସ ୨୫ ତାରିଖ ଠାରୁ ଲିଙ୍ଗ ଆଧାରିତ ହିଂସା ର ପାରିସମାପ୍ତି ନିମନ୍ତେ ଏକ ଅଭିଯାନ ( ନୂଆ ଚେତନା, ପରିବର୍ତ୍ତନ ର ଆରମ୍ଭ) ନାମରେ ଶୁଭାରମ୍ଭ ହୋଇଛି ଏହି ଅଭିଯାନ ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଚ଼ାଲିବ। ଜିଲ୍ଲାର ସମସ୍ତ ବ୍ଲକ,ପଞ୍ଚାୟତ ମହାସଂଘ, ଆଞ୍ଚଳିକ ମଞ୍ଚ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନଙ୍କ ପର୍ଯ୍ୟନ୍ତ କିପରି ଏହି ଅଭିଯାନ କୁ ପହଞ୍ଚାଇ ପାରିବା ତାହା ଆମ ସମସ୍ତ ଙ୍କ ଦାୟିତ୍ୱ। ଏଥି ସହିତ ସମାଜ ରେ ମହିଳା ମାନଙ୍କ ଉପରେ ବଢୁଥିବା ହିଂସା, ବିରୁଦ୍ଧ ରେ ଉଚ଼ିତ୍ ପଦକ୍ଷେପ ନେବା ଏବଂ ସେମାନଙ୍କୁ ବିଭିନ୍ନ ସୁରକ୍ଷା ଆଇନ୍ ଓ ଅଧିକାର ଦିଗରେ ସଚେତନ କରିବା ନିମନ୍ତେ ଏରଭୟରକ୍ସ ଓଭଗ୍ଧରକ୍ସଙ୍ଖରଭଗ୍ଧସକ୍ଟଭ କ୍ଟକ୍ସକ୍ଟଶକ୍ସବଙ୍କ / ସ୍ୱୟଂ କାର୍ଯ୍ୟକ୍ରମ ଚଉଓ ଅନୁଷ୍ଠାନ ର ବୈଷୟିକ ସହାୟତା ରେ ଗଜପତି ଜିଲ୍ଲା ର ୪ଟି ବ୍ଲକ ଯଥା ଗୁମ୍ମା, ରାୟଗଡ଼,ନୂଆଗଡ ଏବଂ ରା.ଉଦୟଗିରୀ ବ୍ଲକ ର ସମସ୍ତ ଗ୍ରାମ ପଞ୍ଚାୟତ ରେ କାର୍ଯ୍ୟ କରାଯାଉଛି। ଏହି କାର୍ଯକ୍ରମ ମଧ୍ୟମରେ ପଞ୍ଚାୟତ ସ୍ତରୀୟ ମହାସଂଘ ଦ୍ୱାରା ଗ୍ରାମୀଣ ମହିଳା ପରାମର୍ଶ କେନ୍ଦ୍ର ବା ପ୍ରେରଣା କେନ୍ଦ୍ରମାନ ଗଠନ କରାଯାଇଛି, ଯାହାକି ଜଣେ ତାଲିମ ପ୍ରାପ୍ତ ପରାମର୍ଶଦାତ୍ରୀ ( ଏରଭୟରକ୍ସ ଉଜଚ) ଙ୍କ ଦ୍ୱାରା ପରିଚ଼ାଳିତ ହେଉଛି।

## ବର୍ତ୍ତମାନକୁ ସମୀକ୍ଷା କରି ଭବିଷ୍ୟତର ଯୋଜନା କରିବା ଆମର ଲକ୍ଷ୍ୟ ହେଉ: ଧର୍ମେନ୍ଦ୍ର ପ୍ରଧାନ




ବଣାଇଗଡ଼, ୩୦।୧୧(ପି.ଏନ): ସୁନ୍ଦରଗଡ଼ ଜିଲ୍ଲା ବଣାଇଗଡ଼ କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବର୍ତ୍ତମାନକୁ ସମୀକ୍ଷା କରି ଭବିଷ୍ୟତର ଯୋଜନା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବଣାଇଗଡ଼ ଅତ୍ୟନ୍ତ ସମ୍ପନ୍ନ, ଚ଼ଷାଚ଼ାଷୀ, ଜନଜାତି ଅଧ୍ୟୁଷିତ ଓ ଭାବାବେଗର ଅଞ୍ଚଳ । ବଣେଇ ଏକ ସଭ୍ୟତା । ସର୍ବଦା ଭବିଷ୍ୟତକୁ ଦେଖିପାରୁଥିବାର ଅଞ୍ଚଳ । ଦୀର୍ଘ ୩୦ ବର୍ଷ ଧରି ବଣାଇଗଡ ସହ ମୋର ସୁସମ୍ପର୍କ ରହିଛି । ଏହା ମୋର ଘର ପରି । ବଣାଇଗଡ଼ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପ୍ରଧାନଙ୍କ ପବିତ୍ର ଭୂମି । ?ଏହି ଜିଲ୍ଲାରେ ଅଂସଗଠିତ ଜନଜାତି ସମାଜର ନେତୃତ୍ୱ ନେଇ ବିପ୍ଲବୀ ନିର୍ମଳ ମୁଣ୍ଡା ବ୍ରିଟିଶଙ୍କ କୁଶାସନ ଓ ଅତ୍ୟାଚ଼ାର ଶାସନ ବିରୋଧରେ ସଂଗ୍ରାମ କରିଥିଲେ । ଆମକୋ-ସିମକୋ ଗୁଳିକାଣ୍ଡ ଅତୀତକୁ ମନେପକାଇବାର ଅବସର ଦିଏ । ସେଭଳି ମାଟିରେ ୧୯୭୧ ମସିହାରେ ବ୍ରାହ୍ମଣୀ ନଦୀର ଉପକୂଳରେ ପ୍ରତିଷ୍ଠା ହୋଇଥିବା ବଣାଇଗଡ଼ କଲେଜଟି ୫୦ ବର୍ଷ ପୂରଣ କରିବା ଗୌରବମୟ କୀର୍ତ୍ତିମାନ ଏବଂ ପୂର୍ବଜ ମାନଙ୍କ ପ୍ରଚେଷ୍ଟାର ପ୍ରମାଣ । ବଣାଇଗଡ଼ କଲେଜ ସ୍ଥାନୀୟ ଅଞ୍ଚଳରେ ଉଚ୍ଚ଼ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ, କ୍ରୀଡା ପ୍ରତିଯୋଗିତା, ସାଂସ୍କୃତିକ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରସ୍ଫୁଟିତ କରିଆସୁଛି । ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଓ ସଙ୍ଗୀତ ଆମର ଗୌରବମୟ କଳା ଓ ଲୋକସଂସ୍କୃତିର ଅନନ୍ୟ ନିଦର୍ଶନକୁ ଦର୍ଶାଉଛି । ତେବେ ଆମେ କେବଳ ଆମର ଇତିହାସକୁ ମନେପକାଇଲେ ଆଗକୁ ବଢିବା ନାହିଁ । ଆଗକୁ ଯିବା ପାଇଁ ହେଲେ ଇତିହାସର ଦର୍ପଣକୁ ଦେଖି ଭବିଷ୍ୟତର ମାର୍ଗ ପ୍ରସ୍ତୁତ କରିବା ପାଇଁ ପଡିବ । ବର୍ତ୍ତମାନକୁ ସମୀକ୍ଷା କରି ଭବିଷ୍ୟତର ଯୋଜନା ତିଆରି କରିବା ପାଇଁ ପଡିବ । ମେସିନ ଲର୍ଣ୍ଣିଂ, ବ୍ରାହ୍ମଣୀ ନଦୀକୁ ନେଇ ଜଳ ପରିଚ଼ାଳନାର ପାଠ ପଢାଇବା ଭଳି ବ୍ୟବସ୍ଥା ହେବା ଦରକାର ନା ନାହିଁ ? । କାରଣ, ବଣାଇଗଡରେ ସେହି ଶକ୍ତି ଅଛି । ଏହାର ଉଦାହରଣ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ବଣେଇ ଇନ୍ଦ୍ରପୁର ଗାଁର ସାଧାରଣ ଘରୁ ଆସିଥିବା ଶ୍ରୀକାନ୍ତ ତ୍ରିପାଠୀ ପିତାଙ୍କୁ ହରାଇବା ପରେ ମଧ୍ୟ ସଫଳ ଉଦ୍‌ଯୋଗୀ ହୋଇପାରିଛି । ଆଇଆଇଟି ଖଡଗପୁରରେ ପାଠପଢି ଅଷ୍ଟ୍ରେଲିଆରେ ଫାର୍ମାସୀ କମ୍ପାନୀ ଖୋଲି ନିଜର ସ୍ୱତନ୍ତ୍ର ପରିଚ଼ୟ ତିଆରି କରିଛନ୍ତି । ନିଜ କମ୍ପାନୀ ଅଧୀନରେ ସେ ୨୪ଟି ହସ୍ପିଟାଲ ଚ଼ଲାଉଛନ୍ତି । ତେଣୁ ବଣାଇଗଡକୁ ଆଗକୁ ନେବା ପାଇଁ ହେଲେ ଶ୍ରୀକାନ୍ତଙ୍କ ମନ ଭିତରେ ଥିବା ଜିଦି ଓ ଉତ୍ସାହକୁ ସମସ୍ତ ଛାତ୍ରଛାତ୍ରୀଙ୍କ ମନରେ ଆଣିବାର ଆବଶ୍ୟକତା ରହିଛି । ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ପ୍ରଜାତନ୍ତ୍ରିକ ବ୍ୟବସ୍ଥା କାରଣରୁ ଆଜି ସରକାରୀ ସୁବିଧା ସମସ୍ତଙ୍କ ପାଇଁ ଉପଲବ୍ଧ ହୋଇଛି । ୨୦୪୭ର ମୂଳ ଯୋଜନା ହେଉଛି ଯାହା କରିବା ସମସ୍ତଙ୍କୁ ନେଇ କରିବା, ସମସ୍ତଙ୍କ ପାଇଁ କରିବା । ଏହି କ୍ରମରେ ମୋଦି ସରକାରରେ ବଣାଇଗଡର ମଧ୍ୟ ଆମୂଳଚ଼ୂଳ ପରିବର୍ତ୍ତନ ହୋଇଛି । ଡିଏମଏଫ ଫଣ୍ଡର ବ୍ୟବସ୍ଥା କାରଣରୁ ବଣାଇଗଡ଼ ଅଞ୍ଚଳରେ ଜନଜାତିଙ୍କ ବିକାଶ ହେଉଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଆଞ୍ଚଳିକ ଓ ମାତୃଭାଷାରେ ପିଲା ମାନଙ୍କୁ ପାଠ ପଢାଇବା ଉପରେ ପ୍ରାଥମିକତା ଦିଆଯାଉଛି । ମାତୃଭାଷାରେ ପାଠ ପଢିଲେ ହିଁ ପିଲାଙ୍କର କ୍ରିଟିକାଲ ଥିଙ୍କିଂ ଓ ଅନୁସନ୍ଧାନ କରିବାର କ୍ଷମତା ବୃଦ୍ଧି ପାଇଥାଏ । ଆଜି ସବୁ ସ୍ଥାନୀୟ ଓ ମାତୃଭାଷା ଗୁଡିକରେ ପ୍ରାରମ୍ଭିକ ଅବସ୍ଥାରେ ପାଠ ପଢାଯିବା ନେଇ ବ୍ୟବସ୍ଥା ହୋଇଛି ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି ।

## ବୁର୍ଲା ବାସିନ୍ଦାଙ୍କୁ ନ୍ୟାୟ ସକାଶେ ସମାବେଶ



ବୁର୍ଲା,୩୦।୧୧(ପି.ଏନ): ବୁର୍ଲା ସହରରେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବେଆଇନ୍ ଉଚ୍ଛେଦ ପ୍ରକ୍ରିୟା ଯୋଗୁଁ ଲୋକେ ନିଜର ରୋଜଗାର ହରାଇବା ସହିତ ବେଘର ହେଲେ କ୍ଷ ବୁର୍ଲା ସହରରେ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ପରିବାର ବର୍ଗଙ୍କୁ ପଟ୍ଟା ଦେବା ବଦଳରେ ଉଚ୍ଛେଦ କରାଯାଉଥିବା ଯୋଗୁଁ ବୁର୍ଲା ବାସିନ୍ଦା ଙ୍କୁ ନ୍ୟାୟ ପ୍ରଦାନ କରିବା ସହିତ ଉଚ଼ିତ୍ କ୍ଷତି ପୂରଣ ଦାବୀରେ ଆଜି ବୁର୍ଲା ଦୁର୍ଗା ମଣ୍ଡପ ଠାରେ ବୁର୍ଲା ବାସିନ୍ଦା ଙ୍କ ପକ୍ଷରୁ ସମାବେଶ ଅନୁଷ୍ଠିତ ହୋଇଯାଇଛି କ୍ଷ ବେରୋଜଗାର ଏବଂ ବେଘର ହୋଇଥିବା ବାସିନ୍ଦା କିଭଳି ସମସ୍ୟା ର ସମ୍ମୁଖୀନ ହେଉଛନ୍ତି ନିଜର ନିଜର ଅସୁବିଧା କୁ କୋହ ଭରା ଆଖିରେ ଉପସ୍ଥାପନ କରିଥିଲେ କ୍ଷ ବୁର୍ଲା ସହରରେ ବହୁତ ପରିବାର ବର୍ଗ ଙ୍କ ନାମ ବନ୍‌ଦୋବସ୍ତ ଆଇନ୍ ଅନୁଯାୟୀ ରେକର୍ଡ ଭୁକ୍ତ ହୋଇସାରିଛି କ୍ଷ ଦୀର୍ଘ ବର୍ଷ ରହି ଆସୁଥିବା ପରିବାର ସମସ୍ତ ଟେକ୍ସ ପୈଠ କରି ଆସୁଥିବା ବେଳେ ପଟ୍ଟା ନ ମିଳିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଉପସ୍ଥିତ ବାସିନ୍ଦା ମାନେ ମତବ୍ୟକ୍ତ କରିଥିଲେ କ୍ଷ ଭାରତ ବର୍ଷରେ ଯେଉଁ ଅଞ୍ଚଳରେ ଓ ସ୍ଥାନରେ ନୂଆ ପ୍ରକଳ୍ପ କିମ୍ବା ବିକାଶ କାର୍ଯ୍ୟ ରେ କ୍ଷତି ହେଇଥିବା ବ୍ୟକ୍ତି କିମ୍ବା ପରିବାର ବର୍ଗଙ୍କୁ ପ୍ରଥମେ ଥଇଥାନ କରିବାର ଦୃଷ୍ଟାନ୍ତ ରହିଥିବା ବେଳେ ନିକଟରେ ସମଲେଶ୍ୱରୀ ମନ୍ଦିର ଯୋଜନାରେ ସମସ୍ତ ଙ୍କୁ ଉଚ଼ିତ୍ ଥଇଥାନ କରା ଯାଇଥିବା ବେଳେ ବୁର୍ଲା ରେ ଏହାର ବ୍ୟତିକ୍ରମ ଦେଖାଦେଇଥିବାରୁ ଉପସ୍ଥିତ ବାସିନ୍ଦା କ୍ଷୋଭ ପ୍ରକାଶ କରିଥିଲେ । ଉଚ୍ଛେଦ ପ୍ରକ୍ରିୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଘର ଓ ଦୋକାନିଙ୍କୁ ଶୀଘ୍ର ଥଇଥାନ କରାଯିବା ସହ ଅନ୍ୟ ସ୍ଥାନରେ ଯୋଗାଇ ଦିଆଯାଉଥିବା ୪ ଡେସିମିଲ ଲେଖାଏଁ ଜମି ଓ ଉଚ଼ିତ୍ ଅର୍ଥ ବ୍ୟବସ୍ଥା ବୁର୍ଲା ରେ ମଧ୍ୟ କାର୍ଯ୍ୟକାରୀ କରାଯାଇ ଦିଆଯିବା ସହ କ୍ଷତିଗ୍ରସ୍ତ ଦୋକାନି ଙ୍କୁ ଉଚ଼ିତ୍ କ୍ଷତିପୂରଣ ସହ ଦୋକାନ ଯୋଗାଇ ଦେବା ସକାଶେ ଉପସ୍ଥିତ ବାସିନ୍ଦା ପ୍ରସ୍ତାବ ଦେଇଥିଲେ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।

ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।

ହରି-କିପରି ?

ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି ।ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ ।ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ୟରେ ସାହାଯଣ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ୟତୀତ ଅନଣ୍ୟ ରାଜଣ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ୟାରେ ପର୍ଯଣ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ୟଟକଙ୍କ ଭିଡକୁ ଲକ୍ଷଣ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଡାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଡାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଡାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଡାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ପରିବେଶ ପ୍ରଦୂଷଣ ଯୋଗୁ ବଢ଼ିଥାଏ ଶିଶୁ ମୃତ୍ୟୁହାର

ପ୍ରଦୂଷଣ ଯୋଗୁ ଭାରତରେ ହେଉଥିବା ଶିଶୁଙ୍କ ମୃତ୍ୟୁର ଯେଉଁ ରିପୋର୍ଟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦେଇଛି, ତାହା ଆମ ବିକାଶର ସବୁ ଶ୍ରେୟକୁ ପାଣିରେ ଧୋଇ ଦେଇଛି । ସେହି ରିପୋର୍ଟ ଆମକୁ ନାଇଜେରିଆ, ପାକିସ୍ତାନ ଓ କାଙ୍ଗୋ ଭଳି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଗ୍ରସ୍ତ ଦେଶ ମାନଙ୍କର ତାଲିକାରେ ଛିଡ଼ା କରି ଦେଇଛି । ଯଦି ଏବେ ଠାରୁ ଆମେ ସତର୍କ ନହେବା, ତେବେ ବିକାଶର ସବୁଠୁ ଦୂରରେ ଥିବା ଆମର ଦାବି ଓ ବିଶ୍ୱ ଗୁରୁ ହେବାର ସ୍ୱପ୍ନ ସବୁ ଧରାଶାୟୀ ହୋଇଯିବ ।

ଦେଶର ବିଭିନ୍ନ ରାଜ୍ୟ ଓ କେତେକ ସହରରେ ପ୍ରଦୂଷଣ ମାତ୍ରା ଢେର ବଢ଼ି ଗଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସର୍ଭେ ରିପୋର୍ଟ ଅନୁଯାୟୀ ଭାରତରେ ୨୦୧୬ ମସିହାରେ ୧,୧୦,୦୦୦ ଶିଶୁ ବିଷାକ୍ତ ବାୟୁ ଯୋଗୁ ଅସମୟ ମୃତ୍ୟୁର ଶିକାର ହୋଇଥିଲେ। ଏଥିରେ ପାଂଚ ବର୍ଷରୁ କମ୍ ବୟସର ଶିଶୁଙ୍କ ସଂଖ୍ୟା ୬୦,୯୮୭ ଥିବାବେଳେ ବାକି ୫ ବର୍ଷରୁ ୧୪ ବର୍ଷ ବୟସର ଶିଶୁ ଥିଲେ। ଭାରତର ଠିକ୍ ପରେ ନାଇଜେରିଆର ସ୍ଥାନ ରହିଛି, ଯେଉଁଠି ଅସଂଖ୍ୟ ଧୂଳିକଣା(ସାଂଘାତିକ ପରିବେଶ ପ୍ରଦୂଷଣ)ରେ ଭୟଙ୍କର ଭାବେ ପ୍ରଭାବିତ ହୋଇ ୪୭,୬୭୪ ଶିଶୁ ଅସମୟରେ ମୃତ୍ୟୁ ବରଣ କରିଥିବାବେଳେ ପାକିସ୍ତାନରେ ୨୧,୧୩୬ ଶିଶୁ ଓ କାଙ୍ଗୋରେ ୧୨,୮୯୦ ଶିଶୁ ଅସମୟ ମୃତ୍ୟୁମୁଖରେ ପଡ଼ିଥିଲେ।

ଏହି ହିସାବକୁ ଦେଖାଗଲେ, ବାୟୁ ପ୍ରଦୂଷଣ ଯୋଗୁ ହେଉଥିବା ଅସମୟ ମୃତ୍ୟୁରେ ଭାରତର ଭୂମିକା ବିଶ୍ୱରେ ୨୫ ଶତକଡ଼ା । ୨୦୧୬ ରେ ପ୍ରଦୂଷଣ ହାର୍ଟ ଓ ନିଃଶ୍ୱାସ ସମସ୍ୟା ଯୋଗୁ ମୋଟ ୬,୦୦,୦୦୦ ଶିଶୁଙ୍କର ମୃତ୍ୟୁ ହୋଇଥିଲା । ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବ୍ୟତୀତ ବିଶ୍ୱର ପରିବେଶ ଉପରେ କାର୍ଯ୍ୟ କରୁଥିବା ସଂଗଠନ "ଗ୍ରୀନ୍‌ପୀସ" ପକ୍ଷରୁ କୁହା ଯାଇଛି ଯେ, ଦିଲ୍ଲି, ଓଡ଼ିଶା, ଉତର ପ୍ରଦେଶ ଓ ମଧ୍ୟ ପ୍ରଦେଶରେ ମାରାତ୍ମକ ନାଇଟ୍ରିକ୍ ଅକ୍ସାଇଡ୍ (ସାଂଘାତିକ ବାୟୁ ପ୍ରଦୂଷଣ)ର ସୃଷ୍ଟି ବିପଦ ପୂର୍ଣ୍ଣ ସ୍ତରରେ ପହଂଚି ଗଲାଣି ।

ତେବେ ଦିଲ୍ଲୀର ଆଖପାଖ ଅଞ୍ଚଳରେ ସବୁଠୁ ଅଧିକ ପ୍ରଦୂଷଣ ସ୍ଥଳ ରହିଥିବା କୁହାଯାଉଛି । ଯଦିଓ କାନପୁର, ଆଗ୍ରା, ଲକ୍ଷ୍ନୌ ଭଳି ମଧ୍ୟ-ଉତ୍ତରପ୍ରଦେଶର ସହରଗୁଡ଼ିକୁ ବାଦ୍ ଦିଆଯାଏ, ତଥାପି ଅତି କମ୍‌ରେ ୧୭ଟି ଅତ୍ୟଧିକ ପ୍ରଦୂଷିତ ସହର ଦିଲ୍ଲୀ ସହିତ ସଂଯୁକ୍ତ ହୋଇ ରହିଛି । ଏହି ସାଂଘାତିକ ଅବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ କିଛି ସମୟ ପର୍ଯ୍ୟନ୍ତ ନିର୍ମାଣ କାମ ବନ୍ଦ ରଖିବା, ଫସଲ ଅମଳ ପରେ କୁଟା ଜାଳିବା ଉପରେ ପ୍ରତିବନ୍ଧକ ଓ ପୁରୁଣା ଗାଡ଼ିଗୁଡ଼ିକର ଚଳାଚଳ ବନ୍ଦ କରିବାରେ ସମ୍ଭବ ନୁହେଁ ବୋଲି କୁହାଯାଉଛି । କାରଣ ଏହି ସମସ୍ୟା ଏତେ ଭୟାନକ ଯେ, ଏଥିପାଇଁ ବିକାଶର ସଂପୂର୍ଣ୍ଣ ମଡେଲର ପରିବର୍ତ୍ତନ ଜରୁରୀ ହୋଇ ପଡ଼ିଛି । ତେବେ କିଛି ଭାବନାତ୍ମକ ବିଷୟରେ ଛାଡି ହେଉଥିବା ଆମ ସମାଜର କିଛି ଲୋକେ ଉକ୍ତ ସମସ୍ୟା ବୁଝିବାକୁ ପ୍ରସ୍ତୁତ ହେଉ ନାହାନ୍ତି । ଭାରତ ଭଳି ଆମ ବିଶାଳ ସମାଜରେ ମଧ୍ୟ ଏହି ବିଷୟକୁ ନେଇ ସଶକ୍ତ ଆନ୍ଦୋଳନ ହେଉନାହିଁ । ଏଭଳି ଅବସ୍ଥାରେ ଆମେ ବିକାଶ ନାଁରେ ଏକ ରୋଗଗ୍ରସ୍ତ ସମାଜକୁ ହିଁ ସୃଷ୍ଟି କରୁଛୁ । ଏଣୁ ପରିବେଶ ସମସ୍ୟାକୁ ଆମେ ରାଜନୀତିକ ଓ ଆଇନର ସଶକ୍ତ ମାପଦଣ୍ଡ ଭିତରକୁ ଆଣିବା ଜରୁରୀ ହୋଇପଡ଼ିଛି ।

ସେହିପରି ଓଡ଼ିଶାରେ କ୍ରମେ ପରିବେଶ ପ୍ରଦୂଷିତ ହେବା ସହ ଉତ୍ତାପ ଦ୍ରୁତଗତିରେ ବୃଦ୍ଧି ପାଉଛି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି ଓ ଜଳବାୟୁ ପରିବର୍ତ୍ତନରେ ଅନିୟମିତତା ପରିଲକ୍ଷିତ ହେଉଛି । ଖୁବଶୀଘ୍ର ଆମେ ଭୟାବହତାର ସିଧା ସାମ୍ନା କରିବା, ଏଥିରେ ସନ୍ଦେହ ନାହିଁ । ସାଂପ୍ରତିକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ, ମହାବାତ୍ୟା, ଅସମୟରେ ଖରା, ଅନିୟମିତ ବର୍ଷା, ଶୀତ ଆଦି ଏହାର ପରିଣତି ହୋଇଛି । ଆଉ କ୍ରମଶଃ ବୃଦ୍ଧି ପରିବେଶ ପ୍ରଦୂଷଣର ଏହା ମୂଳ କାରଣ ହୋଇଛି । ଏହାର ସିଧା ପ୍ରଭାବ ପଡୁଛି ମଣିଷ ସମାଜ ବିଶେଷ କରି ଶିଶୁ ସ୍ୱାସ୍ଥ୍ୟ ଉପରେ। ପରିବେଶ ପ୍ରଦୂଷଣ ସିଧା କୋମଳ ମତି ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ । ସହଯେ ଏବେ କରୋନାର ଭୟାବହତା ଶିଶୁମାନଙ୍କ ପାଇଁ ମଧ୍ୟ ଘୋର ଚିନ୍ତାର ବିଷୟ ହୋଇଛି । ଏଣୁ ଆଉ ସମୟ ନଷ୍ଟ ନକରି ଏହି ସମସ୍ୟାର ସମାଧାନ ପାଇଁ ସମସ୍ତେ ଚିନ୍ତା କରିବା ଉଚିତ।

ଅନ୍ୟାନ୍ୟ କାରଣ ଥିଲେ ମଧ୍ୟ ମୁଖ୍ୟତଃ ପରିବେଶ ପ୍ରଦୂଷଣ ଯୋଗୁ ଓଡ଼ିଶାରେ ଶିଶୁ ମୃତ୍ୟୁ ହାର ଅଧିକ ରହିଛି । ୨୦୧୬-୧୭ ବର୍ଷରେ ରାଜ୍ୟରେ ୬ ମାସ ବୟସ ମଧ୍ୟରେ ପ୍ରାୟ ୧୨ ହଜାର ଶିଶୁଙ୍କ ମୃତ୍ୟୁ ଘଟିଥିଲା । ଜନ୍ମର ମାସକ ମଧ୍ୟରେ ୬୧ ଶତକଡ଼ା ଶିଶୁଙ୍କର ପ୍ରାଣହାନି ଘଟୁଥିବା ବେଳେ ଜନ୍ମର ୨୪ ଘଂଟା ମଧ୍ୟରେ ୯ଶତକଡ଼ା ଶିଶୁଙ୍କର ମୃତ୍ୟୁ ଘଟୁଛି । ଏସବୁର କାରଣ ମ୍ୟାଲେରିଆ, ଆନେମିଆ ଏବଂ ଓଜନ କମ୍ ବୋଲି କୁହାଯାଉଛି ।

କେବିକେ ଆଦିବାସୀ ଅଞ୍ଚଳରେ ଶିଶୁ ମୃତ୍ୟୁ ଘଟଣା ନୂଆ ନୁହେଁ । ଦୁର୍ଗମ ଆଦିବାସୀ ଗ୍ରାମଗୁଡ଼ିକରେ ନିୟମିତ ଏଭଳି ଘଟଣା ଘଟି ଆସୁଛି । ତଥାପି ଏହାର ମୂଳ କାରଣକୁ ସରକାର ଖୋଜୁନାହାନ୍ତି । ସରକାର ଅନେକ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ହେଲେ ଯୋଜନାର ଗତିପଥକୁ ଦେଖନ୍ତି ନାହିଁ । ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ସହ ଶିଶୁ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦିଆଯିବା ଉଚିତ । କେବିକେର ଲକ୍ଷଲକ୍ଷ ଆଦିବାସୀ ଶିଶୁଙ୍କର ଭବିଷ୍ୟତ ନେଇ ଅନେକ ପ୍ରଶ୍ନବାଚୀ । ଆଦିବାସୀ ଅଂଚଳରେ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ଆଦୌ ଦୃଷ୍ଟି ଦିଆଯାଉନାହିଁ । ଏହାସହିତ ଆଦିବାସୀ ଗାଁକୁ ସ୍ୱାସ୍ଥ୍ୟସେବା ନପହଂଚିବା ଦୁଃଖଦାୟକ । ଏବେ ବି ଆଦିବାସୀ ମଣିଷ ଆମ୍ବଟାକୁଆ, ଗଛର ଚେରମୂଳ ପତ୍ର ଖାଉଛି, ଚାଉଳ ସେମାନଙ୍କ ପାଇଁ ସାତ ସପନ । ଆଦିବାସୀ ମଣିଷ ଆଜି ବି ଘୁଷୁରୀ ମେଳରେ ଶୋଉଛି, ବଣ ଜଙ୍ଗଲରେ ବୁଲି କାଠ କାଟୁଛି, ମେଲେରିଆ, ଡାଇରିଆ ଓ ପୁଷ୍ଟିହୀନତାରେ ମରୁଛି । ଶହଶହ ଏନ୍‌ଜିଓ ସେଠାରେ ପରିବେଶ ସୁରକ୍ଷା ପାଇଁ କିଭଳି କାମ କରୁଛନ୍ତି, ଭଗବାନଙ୍କୁ ଜଣା । ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଯୋଜନା ପରେ ଯୋଜନା କାର୍ଯ୍ୟକାରୀ ହେଉଛି । କିନ୍ତୁ ସେଥିରୁ କୌଣସି ସୁଫଳ ପାଉନି ଆଦିବାସୀ ହତଭାଗ୍ୟ ଶିଶୁ । ୧୯୭୨ ମସିହା ଅକ୍ଟୋବର ୨ ତାରିଖରୁ ରାଜ୍ୟରେ କାର୍ଯ୍ୟକାରୀ ହୋଇଆସୁଛି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ଆଇସିଡ଼ିଏସ୍)। ହେଲେ ଏଥିରୁ ସୁଫଳ ମିଳୁଛି କି ? ସେ ବିଷୟରେ ଖୋଳତାଡ଼ କରିବାକୁ ସରକାରଙ୍କ ପାଖରେ ସମୟ ନାହିଁ! ସତରେ କ'ଣ ଅଙ୍ଗନୱାଡ଼ୀ କେନ୍ଦ୍ରରେ ଶିଶୁମାନଙ୍କୁ ନିୟମିତ ସୁଷମ ଖାଦ୍ୟ ବଂଟନ କରାଯାଉଛି ?... ଯଦିଓ ହଁ, ତେବେ କାହିଁକି ରାଜ୍ୟରେ ଅପପୁଷ୍ଟି କଥା ଉଠୁଛି ?...

ରାଜ୍ୟରେ ଶିଶୁ ମୃତ୍ୟୁହାର ହ୍ରାସ ସବୁ ଯୋଜନାର ମୂଳ ଲକ୍ଷ୍ୟ! ଏଣୁ ଯୋଜନାଗୁଡ଼ିକ କିପରି ଶତ ପ୍ରତିଶତ ସଫଳ ହେବ, ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ। ତେବେ ଶିଶୁ ମୃତ୍ୟୁ ହାର ହ୍ରାସ ପାଇଁ ସରକାରଙ୍କ ପାଖରେ ଯୋଜନାର ଅଭାବ ନାହିଁ। କେବଳ ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ସେହିପରି ଯୋଜନାଗୁଡ଼ିକ ସଂପୃକ୍ତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀମାନଙ୍କର ଆନ୍ତରିକତା ଉପରେ ନିର୍ଭର କରୁଛି। ଅବଶ୍ୟ ଆମ ରାଜ୍ୟରେ ଶିଶୁ ସ୍ୱାସ୍ଥ୍ୟ ବ୍ୟବସ୍ଥାର କ୍ରମେ ଉନ୍ନତି ହୋଇ ଚାଲିଛି। ସୁଖର କଥା ହେଲା, ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଶିଶୁ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଭିତ୍ତିଭୂମି ମଜଭୁତ ହେବାରେ ଲାଗିଛି।

# ସନ୍ଧିକ୍ଷଣରେ ଡାକ୍ତର-ରୋଗୀ ସଂପର୍କ

ପୁରାଣବର୍ଣ୍ଣିତ ଧନ୍ୱନ୍ତରୀଙ୍କ ଠାରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ଅଙ୍ଗଭିତ୍ତିକ ଚିକିତ୍ସକଙ୍କ ପର୍ଯ୍ୟନ୍ତ ଚିକିତ୍ସା ଶାସ୍ତ୍ରର ବ୍ୟବହାରିକତାରେ ଆମୂଳଚୂଳ ପରିବର୍ତ୍ତନ ଆସିଥିଲେ ମଧ୍ୟ ଜଣେ ଡାକ୍ତରର ପେଶାରେ ମୁଖ୍ୟ ଉଦ୍ଦେଶ୍ୟ ଅପରିବର୍ତ୍ତିତ ରହିଛି। କୌଣସି ବ୍ୟକ୍ତି ରୋଗରେ ପଡ଼ିଲେ ବା ଅସୁସ୍ଥ ହେଲେ ହିଁ ଜଣେ ଡାକ୍ତରଙ୍କ ପରାମର୍ଶ ଲୋଡ଼ିଥାଏ। ଅନ୍ୟର ବିପଦ ସମୟରେ ସହାୟତାର ହାତ ବଢ଼ାଇଦେବା ମାନବିକତାର ପରିଚୟ। କିନ୍ତୁ ଏହି କାର୍ଯ୍ୟ ହିଁ ଡାକ୍ତରର ପେଶା, ଯାହା ମାଧ୍ୟମରେ ସେ ନିଜର ବୃତ୍ତିଗତ ଦକ୍ଷତା ପ୍ରତିପାଦନ କରିଥାଏ ବା ଭରଣପୋଷଣ ପାଇଁ ଅର୍ଥ ଉପାର୍ଜନ କରିଥାଏ। ସାଂପ୍ରତିକ ପରିସ୍ଥିତିରେ ଆମ ସମାଜ ଓ ଡାକ୍ତରୀ ପେଶାରେ ନିୟୋଜିତ ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ସଂପର୍କ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ମଧ୍ୟଦେଇ ଗତି କରୁଛି । ବିଗତ ଶତାବ୍ଦୀରେ ପୃଥିବୀର ସବୁ ସଭ୍ୟତାରେ ଡାକ୍ତରଙ୍କୁ ଈଶ୍ୱରଙ୍କର ଦ୍ୱିତୀୟ ଅବତାର ଭାବେ ବିବେଚନା କରାଯାଉଥିଲା। ଏବେ ମଧ୍ୟ ଆମ ସମାଜରେ ଅନେକ ଲୋକ ସେହିଭଳି ମହତ୍ ଚିନ୍ତାଧାରାର ଡାକ୍ତରଙ୍କଠାରୁ ଚିକିତ୍ସା ଆଶା ରଖନ୍ତି। କିନ୍ତୁ ଦୁଃଖର ବିଷୟ, ନୈତିକ ଅବକ୍ଷୟର ଧାରା ସମାଜର ପ୍ରତ୍ୟେକ ବୃତ୍ତି ଏବଂ ପ୍ରତ୍ୟେକ ସ୍ତରକୁ ସଂକ୍ରମଣ କରିଛି। ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ଆଧୁନିକ ସମାଜରେ ଶିକ୍ଷକ ହୁଅନ୍ତୁ ବା ଡାକ୍ତର, ବ୍ୟବସାୟୀ, ଇଂଜିନିୟର, ଓକିଲ ଅଥବା ଅମଲାତନ୍ତ୍ରୀ ହୁଅନ୍ତୁ, ପ୍ରତ୍ୟେକ ବୃତ୍ତିରେ ନୈତିକ ସ୍ଖଳନ ଘଟିଛି। ଆମେ କେବଳ ରାଜନେତାଙ୍କ ଉପରେ ଏହି ଦୋଷ ଲଦିଦେଇ ଖୁସି ହୋଇପାରିବା ନାହିଁ। ଯଦିଓ ଆମେ ସବୁ ଡାକ୍ତରଙ୍କ ସାଧୁତା ଓ ନିଃସ୍ୱାର୍ଥପର ସେବାପରାୟଣତା ଉପରେ ପ୍ରଶ୍ନ ଉଠାଉନାହୁଁ କାରଣ ଆଜିର ସମୟରେ ଏପରି ବି କିଛି ଚିକିତ୍ସକ ଅଛନ୍ତି ଯେଉଁମାନଙ୍କର ବୃତ୍ତି ଓ ସେବା ଏ କ୍ଷେତ୍ରକୁ ଧନ୍ୟ କରିଛି। ସେହିମାନଙ୍କ ପାଇଁ ହିଁ କିଛି ମୁମୂର୍ଷୁ ଚିକିତ୍ସା ପୂର୍ବରୁ ହିଁ ଜୀବନ ପାଇପାରିଥା'ନ୍ତି ସେମାନଙ୍କ ମଧୁରବୋଲା କଥା ଓ ସେବା ପାଇଁ।ଏଭଳି ଏକ ସମୟରେ ଡାକ୍ତରମାନେ ସଂପୂର୍ଣ୍ଣ ମହାନତାର ନିଦର୍ଶନ ଦେଖାଇ ତାଙ୍କ ବୃତ୍ତିର ସଂପାଦନା କରିବାର ଆଶା କରିବା ମଧ୍ୟ ଅନେକ କ୍ଷେତ୍ରରେ ଅବାସ୍ତବ ମନେହୋଇଥାଏ। ପ୍ରତ୍ୟେକ ବୃତ୍ତିରେ କିଛି ଲୋକ କୁଳାଙ୍ଗାର ଏବଂ କିଛି ଲୋକ ଆଦର୍ଶବାଦୀ ରହିବା ଭଳି ଡାକ୍ତରମାନଙ୍କ ଭିତରେ ମଧ୍ୟ ଏହିଭଳି ବିଭିନ୍ନ କିସମର ମଣିଷ ରହିବା ସ୍ୱାଭାବିକ। ତେବେ ମୁଷ୍ଟିମେୟ କିଛି ବ୍ୟକ୍ତିବିଶେଷଙ୍କର କାର୍ଯ୍ୟପନ୍ଥାକୁ ନଜରରେ ରଖି ସମଗ୍ର ଡାକ୍ତର ସମାଜ ପ୍ରତି ଅବିଶ୍ୱାସ ତଥା ସନ୍ଦେହର ମନୋଭାବ ପୋଷଣ କରିବା ସମୀଚୀନ ହେବନାହିଁ। ଆମ ରାଜ୍ୟର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନରେ ନିୟୋଜିତ ଶହ ଶହ ଡାକ୍ତର ଯେଉଁଭଳି ପ୍ରତିକୂଳ ପରିସ୍ଥିତିର ସାମନା କରି ଦାୟିତ୍ୱ ସଂପାଦନା କରିଥାନ୍ତି, କଟକ ବା ଭୁବନେଶ୍ୱରରେ ଥାଇ ଶୀତତାପ ନିୟନ୍ତ୍ରିତ ପରିବେଶ ମଧ୍ୟରେ ବସି କୌଣସି ବ୍ୟକ୍ତି, ସେ ରାଜନେତା ହୁଅନ୍ତୁ ବା ସାମ୍ବାଦିକ, ତା'ର ସଠିକ ଆକଳନ କରିବା ସମ୍ଭବପର ନୁହେଁ। ରୋଗୀ ଓ ଡାକ୍ତରଙ୍କ ମଧ୍ୟରେ ଥିବା ବିଶ୍ୱାସର ସେତୁବନ୍ଧ ସମୟକ୍ରମେ ଦୁର୍ବଳ ହୋଇପଡ଼ିବା ଯୋଗୁଁ ଆମେ ଅନେକ ସମୟରେ ଦୁଇପକ୍ଷ ଭିତରେ ହିଂସା ଆଚରଣର ଦୃଷ୍ଟାନ୍ତ ଦେଖିବାକୁ ପାଉଛୁ। ତେବେ ରକ୍ତମାଂସର ଶରୀର ଧାରଣ କରିଥିବା ପ୍ରତ୍ୟେକ ମନୁଷ୍ୟ ରୋଗଗ୍ରସ୍ତ ହେବା ଅନିବାର୍ଯ୍ୟ ଏବଂ ରୋଗର ଚିକିତ୍ସା କରିବା ପାଇଁ ଡାକ୍ତରଙ୍କ ଉପସ୍ଥିତି ମଧ୍ୟ ଅନିବାର୍ଯ୍ୟ। ଠିକ୍ ସେହିଭଳି ରୋଗୀଙ୍କ ଉପସ୍ଥିତି ବିନା ଡାକ୍ତରୀ ଶିକ୍ଷା ଓ ଦକ୍ଷତାର ଉପଯୁକ୍ତ ବ୍ୟବହାର ମଧ୍ୟ ଅସମ୍ଭବ। ଆଧୁନିକ ସମାଜକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ କେବଳ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଆଧୁନିକୀକରଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ଯଥେଷ୍ଟ ନୁହେଁ। ଆମେ ସଚେତନ ହେବା ଆବଶ୍ୟକ ଯେ ରୋଗୀ ଓ ଡାକ୍ତର ପରସ୍ପରର ପରିପୂରକ ଏବଂ ଉଭୟଙ୍କ ମଧ୍ୟରେ କ୍ରମଶଃ ଦୁର୍ବଳ ହେଉଥିବା ବିଶ୍ୱାସର ରଜ୍ଜୁକୁ ପୁଣିଥରେ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ଏଭଳି ନହେଲେ ଆଗାମୀ ଦିନରେ ଉଭୟ ଗୋଷ୍ଠୀଙ୍କ ପାଇଁ ଭୟାବହ ପରିସ୍ଥିତି ସୃଷ୍ଟି ହେବ। ପ୍ରତିବର୍ଷ ଜୁଲାଇ ୧ ଡାକ୍ତର ଦିବସ ଭାବେ ପରିଚିତ। ଏହି ଦିନରେ ଭିନ୍ନ ଭିନ୍ନ ସ୍ଥାନରେ ଚିକିତ୍ସକମାନେ ବିଭିନ୍ନ ପ୍ରକାର ସେବା କାର୍ଯ୍ୟକ୍ରମ ହାତକୁ ନେଇଥା'ନ୍ତି ଯାହା ନିଶ୍ଚିତ ଭାବରେ ପ୍ରଶଂସନୀୟ ଓ ପ୍ରେରଣାଦାୟକ। ଓଡ଼ିଶାର ସ୍ୱାସ୍ଥ୍ୟସେବାରେ ଭିତ୍ତିଭୂମିର ଅଭାବ ରହିଛି ଏହା ସତକଥା ତେବେ ଡାକ୍ତରମାନଙ୍କ ଭିତରେ ନିଃସ୍ୱାର୍ଥପର ସେବା ମହନୀୟତା ବୃଦ୍ଧି ପାଇଲେ ଯଥାର୍ଥରେ ଏମାନଙ୍କୁ ଦ୍ୱିତୀୟ ଭଗବାନ ଭାବେ କଥିତ ଶବ୍ଦର ସତ୍ୟ ପ୍ରତିପାଦିତ ହୋଇପାରିବ। ଡାକ୍ତର ଦିବସ ପାଳନ ଅବସରରେ ଏହାହିଁ ସମସ୍ତଙ୍କ ଅନୁଚିନ୍ତା ହେବା ଆବଶ୍ୟକ।

# କର୍ମ ବିନା ଜ୍ଞାନ ନିରର୍ଥକ

ପ୍ରାଚୀନ ଭାରତର ଗୁରୁକୁଳମାନଙ୍କରେ ଶିଷ୍ୟମାନେ ସବୁ ବିଦ୍ୟାରେ ପାଣ୍ଡିତ୍ୟ ଲାଭ କରିବା ପରେ ପବିତ୍ର ତପୋବନ ତ୍ୟାଗ କରିବା ସମୟରେ ପ୍ରେମମୟ ଗୁରୁ ସେମାନଙ୍କୁ ଆଶୀର୍ବାଦ କରୁଥିଲେ ଏବଂ ଜୀବନରେ କେତେକ ଅଭ୍ୟାସ ଓ ମନୋଭାବ ଅନୁଶୀଳନ କରିବାକୁ ଏବଂ କେତେକ ଆଦର୍ଶ ପାଳନ କରିବାକୁ ଉପଦେଶ ଦେଉଥିଲେ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବାହ୍ୟଜଗତରେ ପ୍ରବେଶ କରିବାକୁ ଯାଉଥିବା ଛାତ୍ରମାନଙ୍କୁ ଉପାଧି ପ୍ରଦାନ ଅବସରରେ ଆଜିକାଲି ଦିଆଯାଉଥିବା ଦୀକ୍ଷାନ୍ତ ଭାଷଣ ସେହି ଆଶୀର୍ବଚନ ଓ ସେହି ଉତ୍ସାହପ୍ରଦ ଉପଦେଶର ଏକ ଦୁର୍ବଳ ପ୍ରତିରୂପ। ସେତେବେଳେ ପ୍ରଦାନ କରାଯାଉଥିବା ସନ୍ଦେଶ ଅତ୍ୟନ୍ତ ଜ୍ଞାନଦୀପ୍ତ ଏବଂ ଦୈନନ୍ଦିନ ଜୀବନରେ ବ୍ୟାବହାରିକ ପ୍ରୟୋଗ ପାଇଁ ଉପଯୁକ୍ତ ଥିଲା ତଥା ପ୍ରତିଟି ବାଣୀ ଅମୃତୋପମ ଥିଲା। ପ୍ରତ୍ୟେକ ଉପଦେଶରେ ପ୍ରେରଣାର ଆଚ୍ଛାଦନ ରହିଥିଲା। ସନ୍ଦେଶର ସ୍ୱର ଓ ହିତକାରୀ ପ୍ରଭାବ ସମୟ ଗର୍ଭରେ ଲୀନ ହୋଇ ଯାଇଛି ଏବଂ ଏକ ବିସ୍ମୃତ ସ୍ୱପ୍ନରେ ପରିଣତ ହୋଇଛି। ଛାତ୍ରମାନଙ୍କର କଲ୍ୟାଣ ପାଇଁ ତୈତ୍ତିରୀୟ ଉପନିଷଦର ଦିକ୍ଷାବଲ୍ଲୀର ଅମରବାଣୀ ଆବୃତ୍ତି କରାଯିବାବେଳେ ସେ କାଳର ଶିଷ୍ୟମାନେ ସେଗୁଡ଼ିକ ଦ୍ୱାରା ରୋମାଞ୍ଚିତ ଓ ରୂପାନ୍ତରିତ ହେଉଥିଲେ। ସେହି ସନ୍ଦେଶ ପ୍ରତି ଆଜିର ଛାତ୍ରମାନଙ୍କର ପ୍ରତିକ୍ରିୟା ବିଚିତ୍ର ଓ ବିସ୍ମୟର ଏକ ସମାହାର ମାତ୍ର। କିନ୍ତୁ ସେହି ସନ୍ଦେଶ ଅଲୀକ ଲକ୍ଷ୍ୟ ପ୍ରତି ଅବାଞ୍ଛିତ କାମନା ଓ ବ୍ୟର୍ଥ ଅନ୍ୱେଷଣ ଜନିତ ଚିନ୍ତା ଓ ଉଦ୍‌ବେଗର ଅସରନ୍ତି ତରଙ୍ଗରେ ଇତସ୍ତତଃ ହେଉଥିବା ଆଜିର ଛାତ୍ରମାନଙ୍କ ପାଇଁ ଆଲୋକ ସ୍ତମ୍ଭ ଭାବରେ କାମ କରିପାରେ। ଆଧୁନିକ ଶିକ୍ଷାପଦ୍ଧତିର ଉଲ୍ଲେଖନୀୟ ପରିଣାମ ହେଉଛି ସୋରିଷ ଆକାରର ଜ୍ଞାନ ଆହରଣ କରି କଖାରୁ ଆକାରର ଗର୍ବ କରିବା। ଛାତ୍ରମାନେ ଅସୀମ ପୁରସ୍କାର ପାଇଁ ଅଭିଳାଷ କରୁଛନ୍ତି। କଥାରେ ଅଛି, ପିଆଜ ପାଇଁ ପଇସା ଦେଇ ଲାଭରେ ତରଭୁଜଟିଏ ନେବା। ଚାକିରୀ ଓ ଉପାଧି ମଧ୍ୟରେ ବନ୍ଧନକୁ ସୀମିତ କରିବାକୁ ହେବ। ଶିକ୍ଷା ନୈତିକ ଓ ଆଧ୍ୟାତ୍ମିକ ଉତ୍କର୍ଷ ବଢ଼ାଇବା ଉଚିତ। ଛାତ୍ରମାନେ ଚିତଶୁଦ୍ଧି କରିବାକୁ ନିଜ ଗୋଡ଼ରେ ଠିଆ ହେବାକୁ ଏବଂ ମନୁଷ୍ୟମାନଙ୍କର ସେବା କରିବାକୁ ଆବଶ୍ୟକ ବୁଦ୍ଧିର ଅନୁଶୀଳନ କରିବା ଉଚିତ। ନେପୋଲିୟନ ତାଙ୍କ ଲୋକମାନଙ୍କୁ କହୁଥିଲେ, 'ନିର୍ମଳ ହୁଅ, ତାହେଲେ ସବୁ କଥା ମିଳିଯିବ।' ନିର୍ମଳ ଓ ଦୃଢ଼ ମନ କଠିନତମ କାର୍ଯ୍ୟ ମଧ୍ୟ ସହଜରେ କରିପାରିବ।

ଅତୀତରେ ଛାତ୍ରମାନେ ସରଳ ଜୀବନ ଓ ଉଚ୍ଚ ବିଚାରର ଅନୁଶୀଳନ କରୁଥିଲେ। କିନ୍ତୁ ଆଜି ସେମାନେ ଉଚ୍ଚ ଜୀବନ ଓ ହୀନ ବିଚାରରେ ନିୟୋଜିତ ଅଛନ୍ତି। ଉଚ୍ଚ ଜୀବନ ପାଇଁ ଧନ ଅର୍ଜନ ଓ ଠୁଳ କରିବା ଆବଶ୍ୟକ। ଯାହାକି ମୁଦ୍ରାସ୍ଫୀତି ଓ ମୂଲ୍ୟହ୍ରାସର ବିଷୟ। କିନ୍ତୁ ଜ୍ଞାନ ଓ ଚରିତ୍ରର ଧନ ଏ ଦୁଇଟିରୁ ମୁକ୍ତ। ଏହାକୁ ନିଆଁ ଜାଳିପାରିବ ନାହିଁ କି ଶାସକ ବାଜ୍ୟାପ୍ତ କରିପାରିବେ ନାହିଁ। ବଢ଼ି ଓଦା କରିପାରିବ ନାହିଁ କି ଚୋରମାନେ ନେଇ ପାରିବେ ନାହିଁ ବୋଲି ପ୍ରବାଦ ଅଛି। ଜ୍ଞାତିକୁଟୁମ୍ବମାନେ ଏହା ଉପରେ ଦାବି କରିପାରିବେ ନାହିଁ। ଏହି ବିଶେଷ ଧନରେ ଅନ୍ୟମାନଙ୍କୁ ଭାଗ ଦିଅ। ଏହା ସରିଯାଏ ନାହିଁ, ମାତ୍ର ପ୍ରତ୍ୟେକ ଦାନରେ ବଢ଼ିଚାଲେ।

ଆଜିକାଲି ଛାତ୍ରମାନଙ୍କ ମଧ୍ୟରେ ନାସ୍ତିକତା ଜୋରସୋରରେ ବଢ଼ି ଚାଲିଛି। ସେମାନେ ପ୍ରାକୃତିକ, ଭୌତିକ ଓ ଆଧ୍ୟାତ୍ମିକ ବିଜ୍ଞାନ ଉପରଠାଉରିଆ ଓ ଅମନଯୋଗୀ ଅଧ୍ୟୟନର ପରିଣାମସ୍ୱରୂପ ମୌଳିକ ମାନବୀୟ ଗୁଣଗୁଡ଼ିକର ମଧ୍ୟ ବିସ୍ମରଣ ଓ ଉପେକ୍ଷା କରୁଛନ୍ତି। ବୈଜ୍ଞାନିକମାନେ ଦେଖିବାକୁ ବିଶ୍ୱାସ କରିବା ବୋଲି କହୁଛନ୍ତି, କିନ୍ତୁ ଆଖିକୁ ବିଶ୍ୱାସ କରି ହେବ କି? ବିଶ୍ୱାସ କରିବା ସକାଶେ ମନ, ଆନନ୍ଦ, ବିଷାଦ ଓ ଆତ୍ମାକୁ ଆଖିରେ ଦେଖି ହେବ କି? ଦେଖିବା ନୁହେଁ, ଅନୁଭୂତି କରିବା ହିଁ ବିଶ୍ୱାସ କରିବା। ବୈଜ୍ଞାନିକମାନଙ୍କ ମତରେ ଛାୟାପଥରେ ଲକ୍ଷ ଲକ୍ଷ ନକ୍ଷତ୍ରପୁଞ୍ଜ ଅଛି। ବହୁତ କମ୍ ଲୋକ ତାହାକୁ ଦେଖିଛନ୍ତି, କିନ୍ତୁ ବହୁତ ଅଧିକ ଲୋକ ତାହା ବିଶ୍ୱାସ କରୁଛନ୍ତି। ସେଥିରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ତାହା ଦେଖିଛି କି? ସେହିପରି ଖୁବ୍ କମ୍ ଲୋକ 'ନେତି ନେତି'ର କଠୋର ସାଧନା ପରେ ଭଗବାନଙ୍କୁ ଉପଲବ୍ଧି କରିଛନ୍ତି, କିନ୍ତୁ ଅନେକ ସେମାନଙ୍କ କଥାକୁ ଯଥାର୍ଥ ଓ ସତ୍ୟ ରୂପେ ଗ୍ରହଣ କରନ୍ତି। ଭଗବତ ଦ୍ରଷ୍ଟାମାନେ ଯାହା ଦେଖିଛନ୍ତି ତାହା ବର୍ଣ୍ଣନା କରିଛନ୍ତି, କିନ୍ତୁ ଲୋକମାନେ ସେଗୁଡ଼ିକ ଉପରେ ବିଶ୍ୱାସ କରିବାବେଳେ ତାହାକୁ ଅନ୍ଧବିଶ୍ୱାସ ବୋଲି ନିନ୍ଦା କରାଯାଏ। ସତେଯେପରି ଛାୟାପଥରେ ଥିବା ଅସଂଖ୍ୟ ନକ୍ଷତ୍ରପୁଞ୍ଜଗୁଡ଼ିକୁ ଦେଖି ଘୋଷଣା କରୁଥିବା ଲୋକମାନଙ୍କ କଥା ଉପରେ ବିଶ୍ୱାସ ଅନ୍ଧବିଶ୍ୱାସ ନୁହେଁ। ଭଗବାନଙ୍କ ଉପରେ ବିଶ୍ୱାସ କଲେ ଭଗବାନଙ୍କର ଅନୁଭୂତି ମିଳିପାରିବ। ଚିତ୍ତଶୁଦ୍ଧି ଲାଭ ନକଲେ କେହି ଆଧ୍ୟାତ୍ମିକ ଅନ୍ୱେଷଣାରେ ସଫଳତା ହାସଲ କରିପାରିବ ନାହିଁ। ନିଜର ସତ୍ତା, ଭଗବାନଙ୍କ ବିଷୟରେ ସଚେତନ ହେଲେ ହିଁ ଏହା ସମ୍ଭବ। ତରୁଣମାନଙ୍କର କୋମଳ ମନରେ ଏହି ଜ୍ଞାନ ଭରି ଦେବା ପାଇଁ କୌଣସି ଚେଷ୍ଟା କରାଯାଉ ନାହିଁ। ପୃଥିବୀର ସମସ୍ତ ମହାର୍ଘ ସମ୍ପତ୍ତି ଅପେକ୍ଷା ମନୁଷ୍ୟ ଅଧିକ ମୂଲ୍ୟବାନ, କାରଣ ପ୍ରତ୍ୟେକ ମନୁଷ୍ୟ ଶରୀର ସର୍ବଶକ୍ତିମାନ ଭଗବାନଙ୍କର ମନ୍ଦିର। ଦେଶ ବା ମାନବଜାତିର ସମୃଦ୍ଧି ପାଇଁ ବ୍ୟକ୍ତି ଶକ୍ତିଶାଳୀ ଓ ପବିତ୍ର ହେବା ଦରକାର। କର୍ମ ବିନା ଜ୍ଞାନ ନିରର୍ଥକ। ଜ୍ଞାନ ବିନା କର୍ମ ନିର୍ବୋଧତା। ଶିକ୍ଷା ବିବେକ ଓ ଆଧ୍ୟାତ୍ମିକତା ମାଧ୍ୟମରେ ଉଜ୍ଜ୍ୱଳ ହେବା ଉଚିତ।

**-ରାଧାକୃଷ୍ଣ ସାହୁ, ପୂର୍ବତନ ଆବାହକ, ଶ୍ରୀସତ୍ୟସାଇ ସେବା ସମିତି, କେନ୍ଦ୍ରାପଡ଼ା, ଦୂରଭାଷ : ୯୯୩୭୧୭୦୯୨୫**

# ଚର୍ଚ୍ଚାରେ ଇଂଜିନିୟର ଚାଷୀ ମନ୍ମଥ ସାହୁ

ଗୋଲାମୁଣ୍ଡା,(ପି.ଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୋର୍ଡି ଗ୍ରାମର ଉଚ୍ଚ ଶିକ୍ଷିତ ମନ୍ମଥ ସାହୁ (୫୫) ଇଞ୍ଜିନିଅର ଚାକିରୀ ଛାଡି ବର୍ତ୍ତମାନ ଚାଷ କାର୍ଯ୍ୟ କରି ନିଜେ ଭଲ ଦୁଇ ପଇସା ରୋଜଗାର କରିବା ସହ ଅନେକ ବେରୋଜଗାର ଲୋକଙ୍କୁ ରୋଜଗାର ଯୋଗାଇ ବର୍ତ୍ତମାନ ଲୋକଙ୍କ ପ୍ରଶଂସା ସାଉଁଟୁଛନ୍ତି । ଦିନ ଥିଲା ଚାକିରୀ ଅନ୍‌ୱେଷଣରେ ସେ ସୁଦୂର ପୁନେ ଯାଇ ସେଠାରେ ଏକ କମ୍ପାନୀରେ ଇଂଜିନିୟର ଭାବେ କାର୍ଯ୍ୟ କରୁଥିଲେ । ହେଲେ ସେଠାରେ ସେ ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ନଥିଲେ ।ଛ ପରାଧୀନ ଭାବରେ ଅନ୍ୟପାଇଁ ଖଟିବା ତାଙ୍କୁ ପସନ୍ଦ ଆସୁନଥିଲା । ମନରେ ତାଙ୍କର ସର୍ବଦା ଇଚ୍ଛା ଥିଲା ଭିଟାମାଟିକୁ ଫେରି ସ୍ୱାଧୀନ ଭାବରେ କିଛି ଭିନ୍ନ କରିବେ । ଏଭଳି ସମୟରେ ମାଡି ଆସିଲା ବିଶ୍ୱ ମହାମାରୀ କରୋନା । ବାହାରେ ରହି କାମ କରୁଥିବା ଲୋକେ ମହାମାରୀ ସମୟରେ ନିଜ ନିଜ ଘରକୁ ନିଜ ପରିବାର ପାଖକୁ ଫେରିବାକୁ ବ୍ୟାକୁଳ ହେଉଥିଲେ । ଏପରି ସମୟରେ ମନ୍ମଥ ମଧ୍ୟ ଚାକିରି ଛାଡି ଚାଲି ଆସିଲେ ନିଜ ଭିଟାମାଟିକୁ । ସେ ନିଶ୍ଚିତ କଲେ ପୁନର୍ବାର ଅନ୍ୟ କୁଆଡେ ଚାକିରୀ କରିବା ପାଇଁ ଯିବେ ନାହିଁ । ଏଇଠି ରହି କିଛି କରିବାକୁ ସେ ସିଦ୍ଧାନ୍ତ ନେଲେ । ବର୍ତ୍ତମାନ ଶିକ୍ଷିତ ଯୁବଗୋଷ୍ଠୀ ଚାଷ କାର୍ଯ୍ୟ କୁ ଆପଣାଇବାକୁ ନାପସନ୍ଦ କରୁଥିବା ସମୟରେ ମନ୍ମଥ କିନ୍ତୁ ଚାଷକାର୍ଯ୍ୟ କୁ ପେଶା ଓ ନିଶା ରୂପେ ବାଛି ନେଲେ । ଜୁନାଗଡ଼ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ସିନାଖୁଣ୍ଟି ଗ୍ରାମରେ ପାଖାପାଖି ୨୨ ଏକର ପରିମିତ ଜମି କିଣି ସେହି ଜମିରେ ଚାଷ କାର୍ଯ୍ୟ କରି ଫଳାଇଲେ ଭଲିକି ଭଲି ସୁନାର ଫସଲ । ମନ୍ମଥ ନିଜ ଜମିରେ ଧାନ, ପନିପରିବା, କପା, ଡାଲି ଜାତୀୟ ଫସଲ, ସହ ଛେଳି, ମେଣ୍ଢା, ମାଛ, ଦେଶି କୁକୁଡା, ବତକ ଭଳି ବିଭିନ୍ନ ଚାଷକରି ସଫଳତା ମାର୍ଗରେ ଅଗ୍ରଗତି ହୋଇ ପାରିଛନ୍ତି । ନିଜେ ଚାଷ କାର୍ଯ୍ୟ କରି ଭଲ ଦୁଇ ପଇସା ରୋଜଗାର କରିବା ସହ ଅନେକ ବେରୋଜଗାରଙ୍କୁ ରୋଜଗାର ଯୋଗାଇ ପାରିଛନ୍ତି । ସମୁଦାୟ ୧୫ ରୁ ୨୦ ଜଣ ମଜୁରିଆ ତାଙ୍କ ଜମିରେ ଚାଷ କାର୍ଯ୍ୟରେ ନିୟୋଜିତ ରହିବା ସହ ତାଙ୍କ ପରିବାର ପ୍ରତିପୋଷଣ କରୁଛନ୍ତି । ଆଗକୁ ଅଧିକ ଜମିରେ ଅଧିକ ପରିମାଣରେ ଚାଷ କାର୍ଯ୍ୟ କରି ଅଧିକ ଉତ୍ପାଦନ ସହ ଅଧିକ ଲୋକଙ୍କୁ ରୋଜଗାର କ୍ଷମ କରିବାର ଯୋଜନା ରଖିଥିବାର ପ୍ରକାଶ କରିଛନ୍ତି ମନ୍ମଥ । ଆଜିକାଲିର ଦିନରେ ଶହ ଶହ ଲୋକ ଚାକିରୀ ନପାଇ ବେରୋଜଗାର ହୋଇ ଘରେ ବସିରହୁଛନ୍ତି । ଅନେକ ଲୋକ ପେଟ ପାଟଣା ପାଇଁ ରାଜ୍ୟ ବହାରକୁ ଦାଦନ ଶ୍ରମିକ ସାଜି ଯାଉଛନ୍ତି ଓ ସେମାନେ ସେଠାରେ ନିର୍ଯ୍ୟାତିତ ହେବାର, ତାଙ୍କ ମୃତଦେହ ଗାଁ କୁ ଆସିବାର ଏଭଳି ଖବର ଅନେକ ସମୟରେ ସାମ୍ନାକୁ ଆସୁଛି । ଏପରି ସମୟରେ ଇଂଜିନିୟର ଭଳି ପ୍ରତିଷ୍ଠିତ ତଥା ସମ୍ମାନଜନକ ପଦବୀକୁ ଛାଡି ମନ୍ମଥ ଚାଷ କାର୍ଯ୍ୟ କୁ ଆପଣାଇ ସେଥିରେ ସଫଳ ସହ ଯୁବ ବର୍ଗ ପାଇଁ ପ୍ରେରଣାର ଉତ୍ସ ପାଲଟି ପାରିଛନ୍ତି । ଯଦି ସରକାରଙ୍କ କିଛି ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଏ ତେବେ ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଆଧୁନିକ ପଦ୍ଧତିରେ କୃଷିକାର୍ଯ୍ୟ କରିବା ସହ ଅଂଚଳର ଅନେକ ବେରୋଜଗାର ଙ୍କୁ ରୋଜଗାର ଯୋଗାଇ ଦେବା ସମ୍ଭବ ହୁଅନ୍ତା ବୋଲି ପ୍ରକାଶ କରିଛନ୍ତି ମନ୍ମଥ ସାହୁ । କୌଣସି କାମ କୁ ଛୋଟ ନଭାବି ବାହାର ରାଜ୍ୟକୁ ଦାଦନ ଖଟି ଯିବା ବଦଳରେ ନିଜ ଅଞ୍ଚଳରେ ପରିଶ୍ରମ କରି ମଧ୍ୟ ଆମେ ଭଲ ରୋଜଗାର କରି ପାରିବା ବୋଲି ମତ ରଖିଛନ୍ତି ।

# ପନିପରିବା : ସବୁଜ ବିଷ ! !

ମନୁଷ୍ୟର ସ୍ୱାସ୍ଥ୍ୟଗତ ମୁଖ୍ୟ ଅବଲମ୍ବନ କୁହାଯାଉଥିବା ପନିପରିବାରେ ବିଷ ଭରି ଗଲାଣି। ଆଖିକୁ ସବୁଜ ଦେଖାଯାଉଥିବା କଞ୍ଚା ପରିବାରେ ଦିନକୁ ଦିନ ବିଷର ମାତ୍ରା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। କେବଳ ଚକ୍‌ଚକିଆ ବା ଦାମୀ ଫଳ ନୁହେଁ, କଦଳୀ ମଧ୍ୟ ବାଦ୍ ପଡୁନି। ପରିବାକୁ ଅଧିକ ସବୁଜ ଓ ସତେଜ ଦେଖାଇବା ପାଇଁ ବିଭିନ୍ନ ସମୟରେ ରଙ୍ଗ ଠାରୁ ଆରମ୍ଭ କରି ପଚାଇବା ପାଇଁ ବିଭିନ୍ନ ଗ୍ୟାସ ବି ପ୍ରୟୋଗ କରାଯାଉଛି ଯାହାଦ୍ୱାରା ସାଧାରଣ ଲୋକମାନେ ଜାଣନ୍ତରେ ହେଉ ବା ଅଜାଣତରେ ସେମାନଙ୍କ ଶରୀରରେ ଜମା ହେଉଛି ବିଷ। କଦଳୀକୁ ତୁରନ୍ତ ପଚାଇବା ପାଇଁ ଏସିଟିଲିନ୍ ଗ୍ୟାସ ପ୍ରୟୋଗ କରାଯାଉଛି। ସେହିପରି ଚିକ୍‌ଚିକ୍ ଦେଖାଇବା ପାଇଁ ସେଓକୁ ପତଳାର ଏକ ୱାକ୍ସ ବା ମହମର ପ୍ରଲେପ ଦିଆଯାଉଛି। ଖାଉଟିଙ୍କ ଅଗୋଚରରେ ଖାଦ୍ୟରେ ବିଷ ପ୍ରୟୋଗ କରାଯାଉଥିବା ଘେନି ଜାତୀୟ ମାନବିକ ଅଧିକାର କମିଶନ ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କୁ ଏହି ମହାମାରୀର ପ୍ରତିକାର ପାଇଁ ସେମାନେ କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସଂକ୍ରାନ୍ତରେ ନୋଟିସ୍ ଜାରି କରିବା ପରିପ୍ରେକ୍ଷୀରେ ରାଜ୍ୟ ପ୍ରଶାସନରେ ତତ୍ପରତା ପ୍ରକାଶ ପାଇଛି। ଦୁଧ ଠାରୁ ଆରମ୍ଭ କରି ପନିପରିବା, ଫଳମୂଳ, ଶାଗ, ମାଛ, ମାଂସ, ଛେନା, ଡାଲି, ତୈଳବୀଜ ଆଦି ବଜାରରେ ମିଳୁଥିବା ପ୍ରାୟ ସବୁ ଖାଦ୍ୟ ସାମଗ୍ରୀରେ ପ୍ରଚୁର ପରିମାଣର କୀଟନାଶକ ରହୁଛି। ଏମିତିକି ଅନେକ ଅଞ୍ଚଳରେ ପାନୀୟ ଜଳ ବି ବିଷାକ୍ତ। ପୂର୍ବରୁ ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭିରନମେଣ୍ଟ ଏହି ଗୁରୁତର ପ୍ରସଙ୍ଗ ଘେନି ଜନସାଧାରଣଙ୍କୁ ସତର୍କ କରାଇବା ସଙ୍ଗେ ସଙ୍ଗେ ସରକାରଙ୍କୁ ବି ଅବହିତ କରିଥିଲା। ଗତ କିଛି ବର୍ଷ ମଧ୍ୟରେ ଏ ସବୁ ଖାଦ୍ୟ ପଦାର୍ଥରେ କୀଟନାଶକର ପରିମାଣ ଦ୍ୱିଗୁଣା ବଢ଼ିଛି ବୋଲି କେନ୍ଦ୍ର କୃଷି ମନ୍ତ୍ରଣାଳୟ ମଧ୍ୟ ସ୍ୱୀକାର କରିଆସୁଛି। ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ମାନକ ସଂସ୍ଥା ବିଭିନ୍ନ ସ୍ଥାନରୁ ନମୁନା ନେଇ କରିଥିବା ପରୀକ୍ଷାରେ ବି ଏହାର ପ୍ରମାଣ ମିଳିଛି। କେବଳ ସେତିକି ନୁହେଁ ଦୁଧ, ଛେନା, ଦହି ଆଦିରେ ବ୍ୟାପକ ଅପମିଶ୍ରଣ ଆମ ରାଜ୍ୟ ତଥା ଦେଶରେ ଏକ ମାମୁଲି ଘଟଣାରେ ପରିଣତ ହୋଇଗଲାଣି। ଲୁଗାଧୁଆ ପାଉଡରରେ ବିଭିନ୍ନ ରାସାୟନିକ ପଦାର୍ଥ ଏମିତିକି ମଲା ଜୀବଜନ୍ତୁ ସଂରକ୍ଷିତ ରଖିବା ଲାଗି ବ୍ୟବହୃତ ଫର୍ମାଲିନ୍ ସିନ୍ଥେଟିକ ଦୁଧ ପ୍ରସ୍ତୁତିରେ ବ୍ୟବହୃତ ହେଉଛି। ବଜାରରେ ପ୍ରଚୁର ପରିମାଣର ନକଲି ପନିର୍ ଉପଲବ୍ଧି। ଗାଇମାନଙ୍କ ଠାରୁ ଅଧିକ ଦୁଧ ସଂଗ୍ରହ ପାଇଁ ଦିଆଯାଉଥିବା ମାରାତ୍ମକ ଇଞ୍ଜେକ୍ସନ ଓ ରାସାୟନିକ ଦାନାର ପ୍ରଭାବ ବି ଦୁଧରେ ରହୁଛି। ଗ୍ରାହକମାନେ ଏହା ସେବନ କରିବା ଫଳରେ ବିଭିନ୍ନ ରୋଗବ୍ୟାଧିର ଶିକାର ହେଉଛନ୍ତି। କିଛି ବର୍ଷ ତଳେ ଏଫ୍‌ଏସ୍‌ଏସ୍‌ଆଇ ଓଡ଼ିଶାରେ କରିଥିବା ଅନୁଧ୍ୟାନରୁ ଏଭଳି ଅପମିଶ୍ରିତ ତଥା ବିପଦଜ୍ଜନକ ଦୁଧର ନମୁନା ପାଇଥିଲା।

ଅଧିକ ଫସଲ ଫଳାଇବା ପାଇଁ ଆଖିବୁଜା ରାସାୟନିକ ସାର, କୀଟନାଶକ ଔଷଧ ଏବଂ ହରମୋନ ପ୍ରୟୋଗ ଏବେ ସାଧାରଣ ପ୍ରଥାରେ ପଡ଼ିଗଲାଣି। କେବଳ ସେତିକି ନୁହେଁ ଶୁଖିଲା ପନିପରିବା ଓ ଫଳ ଦୀର୍ଘଦିନ ଧରି ସତେଜ ରଖିବା ସହ ଗ୍ରାହକଙ୍କୁ ଆକର୍ଷିତ କରିବା ଲାଗି ବେପାରୀମାନେ ବି ବିଭିନ୍ନ କିସମର ବିପଦଜ୍ଜନକ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି। ଏମିତିକି ଅଣ୍ଡା, ମାଂସ, ମାଛ ଆଦି ବି ଏହି ବିଷଚକ୍ରରୁ ମୁକ୍ତ ନୁହେଁ। ବଜାରରେ ମିଳୁଥିବା ଡାଲି ସମେତ ଅନ୍ୟାନ୍ୟ ଶସ୍ୟ ସଂରକ୍ଷଣ ପାଇଁ ବି ବିଭିନ୍ନ କିସମର ରାସାୟନିକ ପାଉଡର ବ୍ୟବହାର କରାଯାଉଛି। ଏମିତିକି ଆଉ କେତେକ ପ୍ୟାକେଟ୍ ଓ ଡବାରେ ଆସୁଥିବା ଖାଦ୍ୟ ସାମଗ୍ରୀରେ ମଧ୍ୟ ବ୍ୟାପକ ପରିମାଣର ରାସାୟନିକ ପଦାର୍ଥ ରହୁଛି। ଚିକିତ୍ସା ବିଜ୍ଞାନର ତଥ୍ୟ ଅନୁଯାୟୀ ଗବେଷକମାନେ କହୁଛନ୍ତି ଯେ ଅତ୍ୟଧିକ ରାସାୟନିକ ସାର, ହରମୋନ, କୀଟନାଶକ ଆଦିର କୁପ୍ରଭାବରେ ଲୋକେ କ୍ୟାନସର, କିଡ୍‌ନୀ, ହୃଦ୍‌ରୋଗ ଓ ଛାତି ରୋଗ, ସ୍ନାୟୁଗତ ରୋଗ, ଯକୃତ ରୋଗ ଆଦି ବିଭିନ୍ନ ବ୍ୟାଧିର ଶିକାର ହେଉଛନ୍ତି। ଏହି ତଥାକଥିତ ସବୁଜ ବିଷ ମଣିଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲିଭର, ପେଟ ଓ କିଡ଼ନୀକୁ ଗୁରୁତର ଭାବେ ପ୍ରଭାବିତ କରେ। ପ୍ରାଥମିକ ସମୟରେ ହେପାଟୋଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନ ନେଲେ ଏହା ଲିଭର ସିରୋସିସ୍ ଏପରିକି ଯକୃତ କ୍ୟାନସରର କାରଣ ପାଲଟିଥାଏ। ଲିଭରକୁ ସଂଯୁକ୍ତ ହୋଇଥିବା ଦେହର ଆଭ୍ୟନ୍ତରୀଣ ସ୍ନାୟୁ ଏ କ୍ଷେତ୍ରରେ ଗୁରୁତର ଭାବେ ପ୍ରଭାବିତ ହେବାର ସମ୍ଭାବନା ବି ଦେଖାଯାଇଥାଏ। ବିକୃତ ସନ୍ତାନ ଜନ୍ମ ଏବଂ ସନ୍ତାନ ଉତ୍ପାଦିକା ଶକ୍ତି ହ୍ରାସର ଏହା ମଧ୍ୟ ଅନ୍ୟତମ କାରଣ। ରାଜ୍ୟରେ ବାର୍ଷିକ ପ୍ରାୟ ୩୦ ହଜାର ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଏମାନଙ୍କ ଭିତରୁ ଅନ୍ୟୂନ ୬୭ ପ୍ରତିଶତଙ୍କ ମୃତ୍ୟୁର କାରଣ ମଦ, ତମାଖୁ ଓ ଅନ୍ୟାନ୍ୟ ନିଶା, କୀଟନାଶକ ଓ ରାସାୟନିକ ସାର ତଥା ପ୍ରଦୂଷଣ। ଏଥିଯୋଗୁଁ ବ୍ୟାପକ ଧନଜୀବନ କ୍ଷତି ଘଟୁଥିବା ବେଳେ ରୋକିବା ପାଇଁ ପର୍ଯ୍ୟାପ୍ତ ସଚେତନତା ନାହିଁ। ଏମିତିକି ଖାଉଟିଟିଏ ଚାହିଁଲେ ସେ କିଣୁଥିବା ସାମଗ୍ରୀ ବିଷମୁକ୍ତ କି ବିଷଯୁକ୍ତ ତାହା ତୁରନ୍ତ ପରୀକ୍ଷା ଲାଗି ବି କେହି ନାହାନ୍ତି। ଗୋଟିଏ ପଟେ ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ ଓଡ଼ିଶା ପାଇଁ ଏକ ବଡ଼ ଆହ୍ୱାନ ହୋଇଥିବା ବେଳେ ବିଶ୍ୱର ତାପମାତ୍ରା ବୃଦ୍ଧି ପରିପ୍ରେକ୍ଷୀରେ ବିଷାକ୍ତ ଖାଦ୍ୟ ସାମଗ୍ରୀର ଲଗାମଛଡ଼ା ବିପଣନ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ତଥା ସେମାନଙ୍କୁ ଦିଆଯାଇଥିବା ସମ୍ବିଧାନ ପ୍ରଦତ୍ତ ବଞ୍ଚିବାର ଅଧିକାର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଡିସେମ୍ବର ୧

# ଗ୍ରାମର ବିଶ୍ୱକର୍ମା ବୃତ୍ତିଧାରୀ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବିଶ୍ୱକର୍ମା ବୃତ୍ତିଧାରୀ ଅନେକ. ଏମାନେ ଗୃହ ନିର୍ମାଣ, ଦେବମୂର୍ତ୍ତିର ନିର୍ମାଣ, ଗୃହ ଉପକରଣ, କାଠର ଦ୍ରବ୍ୟ ନିର୍ମାଣ, ଘଣା, ତନ୍ତ, ଚରକ, ହଳସଜ ନିର୍ମାଣ କରନ୍ତି। ବିଶ୍ୱକର୍ମା ବୃତ୍ତିଧାରୀମାନେ ଲୁହା, ସୁନା ଅନ୍ୟ ଧାତୁରେ ବି କାମ କରନ୍ତି। ଆମ ଗ୍ରାମରେ ୩/୪ ଘର ଏଇ ବିଶ୍ୱକର୍ମା ବଂଶଜ ବଢ଼େଇ, କମାର ପରିବାର। ଏମାନେ ବହୁ ପରିବାର ଏକତ୍ର ବାସ ପ୍ରାୟ କରନ୍ତି ନାହିଁ ଅବଶ୍ୟ ଏକ ଗ୍ରାମ ଏକ ଜନପଦରେ ପ୍ରାୟ ନୁହଁ। ଏହାର କରଣ ବର୍ଷ ଯାକ କାମ କରିବାକୁ ହେଲେ ବହୁ ଘର ଆବଶ୍ୟକ ଯାହା ଏକ ଗ୍ରାମରେ ନଥାଏ। ଆମର ଗ୍ରାମରେ ସବୁ ପାଟକ ଜାତି ବାସ କରନ୍ତି ଏ ସମୟକୁ କୌଳିକ ବୃତ୍ତି ଅପହରଣ ହୋଇଛି ହେଲେ ବ ବଢ଼େଇ ବୃତ୍ତିଟି କିଞ୍ଚିତ ଭାବେ ବଞ୍ଚିଛି। ତେଲିଙ୍କର ଘଣା ଉପକରଣ, ଚାଷୀଙ୍କର ଲଙ୍ଗଳ ସଜ, ଶଗଡ଼, ତନ୍ତୀଙ୍କର ଠକ ଠକ ତନ୍ତ ତାର ସଜ, କେଉଟଙ୍କର ଚୁଡ଼ାକୁଟା ଢ଼ିଙ୍କି, କୁମ୍ଭାରଙ୍କ ଚକ ଓ କଞ୍ଚା ପିଟା ଚଟାମୁଗୁର, ଘର ନିର୍ମାଣ ବାଉଁଶରେ, କାଠରେ, ସିଢ଼ି ନିଶୁଣୀ, ଚୌକାଠ କବାଟ, ଝରକା, ଖଟ, ପଲଙ୍କ, ଆଲମାରୀ ଆଦି ତିଆରି କରୁଥିଲେ। ଗୃହ ଏମିତି ଚାଳଘର ଏକ କୋଣିଆ, ତିନିକୋଣିଆ କରାଯାଉଥିଲା। ଏହା ପ୍ରତି ବର୍ଷା ଛାଆଣୀ ବେଳେ ଥାଟ ପଞ୍ଜରାର ବତା ବୁଣାଟ କାମେଢ଼ା ମରାମତି କରାଯାଏ ଯାହା ବର୍ଷରେ ବଢ଼େଇ ମାନଙ୍କର ୩/୪ ମାସ କାମ ଲାଗେ। ବିବାହି ସମୟରେ ଏପରି ଅନେକ ବେଦୀ ରୋଷଶାଳାର ଅନେକ କାର୍ଯ୍ୟ କରାଯାଏ। ବର୍ଷକ ବାରମାସ ବଢ଼େଇ କାମ ପ୍ରାୟ ଚାଲିଥାଏ। ମାତ୍ର ଏ ସମୟରେ କାଠ ମିଳୁନାହିଁ, ବାଉଁଶରେ କେହି ଘର କରୁନାହାଁନ୍ତି, ଫର୍ଣ୍ଣିଚର, ଲୁହାରେ, ପ୍ଲାଷ୍ଟିକରେ ମିଳୁଛି। ଅତଏବ ଏହା ସବୁ ରନ୍ଧ। ଅନେକ ଗ୍ରାମ୍ୟ କାରିଗରୀ ବୃତ୍ତି ରନ୍ଧ। ଟ୍ରାକ୍ଟର, ପାୱାର ଟିଲର ହଳ କରୁଛି। ବଢ଼େଇଙ୍କର କାମ ରନ୍ଧ ବା ସଂକୁଚିତ କମାର କାମରେ ଲଙ୍ଗଳ ଲୁହା ଦାଆ, କଟୁରୀ, ଶାବଳ, କାଙ୍କ, କୋଦାଳ, କୋଡି ସଜଡ଼ା ନୂଆଧାର କରାଯାଉଥିଲା। ଗୃହ ପାଇଁ ଗୋଲମୁଖ କଣ୍ଟା, ରୁଅକଣ୍ଟା, କବାଟ ବହୁଣ୍ଡା ଡିମୁଣୀ କବଜ ତିଆରି ହେଉଥିଲା ଯାହା ବର୍ତ୍ତମାନ ନାହିଁ। କମାର କାମ ବି ଅଚଳ। କୁମ୍ଭାରଙ୍କର ମାଟି ହାଣ୍ଡି କେହି ପସନ୍ଦ କରୁନାହାଁନ୍ତି ମାଠିଆ ଘଡ଼ି କେହି ପସନ୍ଦ କରୁନାହାଁନ୍ତି। କେବଳ କଳସ ଘଡ଼ି ସରା ଦୀପ ଏହା ହିଁ ବଜାରରେ ମିଳୁଛି। କୁମ୍ଭାର କାମ ସଂକୁଚିତ। ଏପରି ଗ୍ରାମ୍ୟ କାରିଗରୀ କଣ ବିଲୁପ୍ତ।

ଏମାନେ କେମିତି ଚଳିବେ। ଏହାର କିଛି ସୁଚିନ୍ତିତ ଯୋଜନା କରାଯାଇନାହିଁ। ସଂଖ୍ୟାଲଘୁରେ ଏମାନଙ୍କର ସ୍ଥାନ ନାହିଁ। ଆର୍ଥିକ ଅନଗ୍ରସରରେ ମଧ୍ୟ ସ୍ଥାନ ନାହିଁ। ଏମାନେ ପୂର୍ବରୁ ସଂକୁଚିତ ରାଜାର ପ୍ରଜା ଥିଲେ ଏବେ ବ୍ୟାପକ ରାଜାଙ୍କର ପ୍ରଜା ହେଲେ ଭୋଟର ଏବେ ସବୁ ସମାନ କାନୁନରେ ଚଳୁଛନ୍ତି। ଏମାନେ କେମିତି ରାଜକର ଦେବେ? କିଏ ବିଚାର କରିଛନ୍ତି କି? ଆଗେ ମରିବେ ସୂତ୍ରଧାରୀ, ଏ ମାଳିକା ବଚନ ସୂତା ସମ୍ବନ୍ଧ ଯେଉଁ ମାନଙ୍କର ବୃତ୍ତି ସେମାନେ ସୂତ୍ରଧାରୀ। କୁମ୍ଭାର ଚକ୍ରରୁ ହାଣ୍ଡି ଆଦି ସୂତ୍ରରେ କାଟନ୍ତି। ବଢ଼େଇ କଳା ସୂତାର ଦାଗ ଦେଇ କାଠ କାଟନ୍ତି। ତନ୍ତୀ ସୂତାରେ କାମ କରନ୍ତି, କମାର ଲୁହାରେ ଚକ ଦାଗ ଦେଇ ଲୁହାକୁ ଛେଣିରେ କାଟନ୍ତି। ବ୍ରାହ୍ମଣ ପଇତାରେ ପରଚିତ ଏମାନେ ଆମ ମରିବେ ମାଳିକାରେ ଲେଖାଅଛି ଯାହା ଭୋଗ ହେବା କାଳ ଉପସ୍ଥିତ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ଏଡ଼୍‌ସ : ଏହି ଡ଼ର ସଭିଙ୍କୁ

ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଏଡ଼୍‌ସ । ଏହି ଡ଼ର ସଭିଙ୍କୁ । ଗର୍ଭସ୍ଥ ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ । ମଙ୍ଗଳରେ କୋବି ଚାଷ କରିବାକୁ ସ୍ୱପ୍ନ ଦେଖୁଥିବା ବୈଜ୍ଞାନିକମାନେ ମଧ୍ୟ ଏଡ଼୍‌ସ ନିରାକରଣ ପାଇଁ ଏଯାଏଁ ମେଡ଼ିସିନ୍ ଆବିଷ୍କାର କରିବାରେ ସଫଳତା ପାଇପାରିନାହାନ୍ତି । ଗତ ଦ୍ୱିଦଶନ୍ଧି ଧରି ଏହା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଥିଲେ ମଧ୍ୟ ବ୍ୟାପକ ସଚେତନତା ଯୋଗୁଁ ଏହାକୁ ନିୟନ୍ତ୍ରଣ କରାଯାଇପାରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ ଆରମ୍ଭ କରି ଜାତୀୟ ଏଡ଼୍‌ସ ନିୟନ୍ତ୍ରଣ ସଂଗଠନ (ନାକୋ) ଏବଂ ଓଡ଼ିଶା ରାଜ୍ୟ ଏଡ଼୍‌ସ ନିୟନ୍ତ୍ରଣ ସଂଗଠନ (ଓସାକ୍) ଭଳି ସରକାରୀ ଅନୁଷ୍ଠାନ ଓ ବେସରକାରୀ ସଂଗଠନର ମିଳିତ କାର୍ଯ୍ୟକ୍ରମ ଯୋଗୁଁ ଭୟ ଉଦ୍ରେକକାରୀ ଏଡ଼୍‌ସର କବଳରୁ ମାନବ ସମାଜକୁ ମୁକ୍ତ ରଖାଯାଇପାରିଛି । ପ୍ରାରମ୍ଭିକସ୍ତରରେ ଏଡ଼୍‌ସ ସଚେତନତା ମହିଳା ଓ ପୁରୁଷ ଯୌନ କର୍ମୀ, ଟ୍ରକ ଡ୍ରାଇଭର ଓ ହିଜଡ଼ାମାନଙ୍କୁ ସଚେତନତା ସୃଷ୍ଟି କରିବାରେ ସଫଳତା ମିଳିଥିଲେ ମଧ୍ୟ ଏବେ ବି ଏଡ଼୍‌ସର ପ୍ରାଦୁର୍ଭାବରେ ହ୍ରାସ ପରିଲକ୍ଷିତ ହୋଇନାହିଁ । ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଶେଷକରି କିଶୋର ଓ ନିଶାସକ୍ତ ଯୁବକମାନେ ଏବେ ଏଡ଼୍‌ସ ଫାଶରେ ପଡ଼ିଥିବା ଦେଖିବାକୁ ମିଳିଛି । ଯାହାକୁ ଆଖିଆଗରେ ରଖି କିଶୋରଙ୍କୁ ଏନେଇ ସଚେତନତା କରିବା ଦିଗରେ 'ହୁ' ଗୁରୁତ୍ୱାରୋପ କରିଛି ।

ବର୍ତ୍ତମାନ ଏଡ଼୍‌ସ ନିରାକରଣର ମୁଖ୍ୟ ଲକ୍ଷ୍ୟ ରହିଛି : ଆଉ ଜଣକୁ ବି ଏଡ଼୍‌ସ ଆକ୍ରାନ୍ତ ହେବାକୁ ଦିଆଯିବ ନାହିଁ, କୌଣସି ଏଡ଼୍‌ସ ଆକ୍ରାନ୍ତଙ୍କୁ ଭେଦଭାବର ଶିକାର ହେବାକୁ ଦିଆଯିବା ନାହିଁ କି ଏଡ଼୍‌ସ ଆକ୍ରାନ୍ତଙ୍କୁ ମରିବାକୁ ଦିଆଯିବ ନାହିଁ । ତେବେ ଚଳିତବର୍ଷ ବିଶ୍ୱ ଏଡ଼୍‌ସ ଦିବସ ଅବସରରେ କିଶୋର ମାନଙ୍କୁ ସଚେତନତା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି । 'ହୁ'ର ତଥ୍ୟ ଅନୁଯାୟୀ ବିଶ୍ୱରେ ବର୍ତ୍ତମାନ ପ୍ରାୟ ୪ କୋଟି ଲୋକ ଏଚଆଇଭି ଏଡ଼୍‌ସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । କିନ୍ତୁ ସେଥିମଧ୍ୟରୁ ୨୧ଲକ୍ଷ କିଶୋର ବି ଏଡ଼୍‌ସରେ ଆକ୍ରାନ୍ତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଅଳ୍ପ କିଛି ମାତୃଗର୍ଭରୁ ଏଡ଼୍‌ସର ଶିକାର ହୋଇଥିବାବେଳେ ଅଧିକାଂଶ କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରକ ଯୋଗୁଁ ଏଡ଼୍‌ସ ପଞ୍ଝାରେ ପଡ଼ି ଯାଇଛନ୍ତି । ବିଶେଷକରି ଅସୁରକ୍ଷିତ ଯୌନ ସମ୍ପର୍କ, ଡ୍ରଗ୍ ବ୍ୟବହାର ପାଇଁ ଏଭଳି ବିପଦ ଭିତରକୁ କିଶୋରମାନେ ଠେଲି ହୋଇଯାଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି । ନିକଟରେ ରାଜ୍ୟ ସରକାରଙ୍କ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୩୩୫୧୫ଜଣ ଏଡ଼୍‌ସ ରୋଗୀ ଚିହ୍ନଟ ହୋଇଛନ୍ତି । ସର୍ବଭାରତୀୟ ସ୍ତରରେ ଓଡ଼ିଶାର ସ୍ଥାନ ୧୪ରେ ରହିଛି ।

ସର୍ବାଧିକ ଏଡ଼୍‌ସ ଆକ୍ରାନ୍ତ ରୋଗୀ ଗଞ୍ଜାମ ଜିଲ୍ଲାରେ ରହିଥିବା ବେଳେ ତାହା ପଛକୁ କଟକ ଓ ପରବର୍ତ୍ତୀ କ୍ରମାନ୍ୱୟରେ କୋରାପୁଟ, ସମ୍ବଲପୁର, ଖୋର୍ଦ୍ଧା, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲା ରହିଛି । ସେହିପରି ସର୍ବଭାରତୀୟ ସ୍ତରରେ ଏଡ଼୍‌ସ ରୋଗରେ ସବୁଠୁ ଆଗରେ ରହିଛି ନାଗାଲାଣ୍ଡ ଓ ସବୁଠାରୁ କମ୍ ସ୍ଥାନରେ ରହିଛି କେରଳ । ୨୦୧୨ ସର୍ବେକ୍ଷଣ ଅନୁଯାୟୀ ସମଗ୍ର ଭାରତରେ ୧୦ ହଜାର ବ୍ୟକ୍ତିଙ୍କ ମଧ୍ୟରେ ୩୫ଜଣ ଏଡ଼୍‌ସ୍ ସଂକ୍ରମିତ ହୋଇଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୩୧ । ୧୦ରୁ ୧୯ ବର୍ଷର କିଶୋରମାନଙ୍କ ମଧ୍ୟରେ ଏଡ଼୍‌ସ ସଚେତନତାର ଅଭାବ, ରୋଗର ନିଦାନ ଓ ନିରାକରଣ ଦିଗରେ ଉପଯୁକ୍ତ ପରାମର୍ଶ ଦିଆଯାଇପାରୁନଥିବାରୁ କିଶୋର ମାନେ ଅତ୍ୟନ୍ତ ବିପଦସଂକୁଳ ହୋଇପଡ଼ିଛନ୍ତି । ଯେଉଁଥିପାଇଁ ଏଡ଼୍‌ସ ଆକ୍ରାନ୍ତ କିଶୋରମାନଙ୍କ ମଧ୍ୟରୁ ମୃତ୍ୟୁବରଣ କରୁଥିବା କିଶୋରଙ୍କ ସଂଖ୍ୟାରେ ୫୦% ବୃଦ୍ଧି ପରିଲକ୍ଷିତ ହୋଇଥିଲା । କିନ୍ତୁ ଧୀରେ ଧୀରେ ଏନେଇ ସଚେତନତା ସୃଷ୍ଟି କରାଯାଇଥିବାରୁ ଏହା ଏବେ ୩୦%କୁ ହ୍ରାସ ପାଇଛି । ତେବେ ଏହି ମୃତ୍ୟୁସଂଖ୍ୟାକୁ ଶୂନ୍ୟକୁ ଆଣିବା ପାଇଁ ବିଶେଷ ସଚେତନତାର ଆବଶ୍ୟକତା ରହିଛି ବୋଲି ହୁ ପକ୍ଷରୁ କୁହାଯାଇଛି । ଯେଉଁ କିଶୋରୀ ଝିଅ ଓ ପୁଅମାନେ ଅସୁରକ୍ଷିତ ଯୌନ ସମ୍ପର୍କ ରକ୍ଷା କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏହି ଆଶଙ୍କା ବେଶ୍ ବୃଦ୍ଧିପାଇଛି । ଖାଲି ସେତିକି ନୁହେଁ କିଶୋର ଓ କିଶୋରୀମାନେ ସ୍ୱେଚ୍ଛାକୃତ ଭାବେ ଏଚଆଇଭି ଏଡ଼୍‌ସ ପରୀକ୍ଷା ପାଇଁ ଚାହୁଁଥିଲେ ମଧ୍ୟ ସମାଜରେ ଏନେଇ ପ୍ରତିକୂଳ ଧାରଣା ସୃଷ୍ଟି ହେବାର ଆଶଙ୍କା କାରଣରୁ ସେମାନେ ପରୀକ୍ଷାର କରିପାରୁନାହାନ୍ତି । ତେଣୁ ନିଦାନ ଓ ଔଷଧ ସେବନ ଅଭାବରୁ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି ବୋଲି ୟୁନିସେଫ୍ ପ୍ରକାଶ କରିଛି । ସେହିପରି ଡ୍ରଗ୍ ବ୍ୟବହାରକାରୀମାନେ ଅଶୋଧିତ ଛୁଞ୍ଚିରେ ସାଙ୍ଗମାନଙ୍କ ମଧ୍ୟରେ ନିଶା ସେବନ କରୁଥିବାରୁ ଏଡ଼୍‌ସର ଆଶଙ୍କା ବହୁଗୁଣା ବୃଦ୍ଧି ପାଇଛି । ଏହାକୁ ଆଖିଆଗରେ ରଖି ଚଳିତ ବର୍ଷ କିଶୋରମାନଙ୍କୁ ଅଧିକରୁ ଅଧିକ ସଚେତନତା କରିବା ଦିଗରେ ହୁ, ନାକୋ ସମେତ ଓସାକ୍ ମଧ୍ୟ ପଦକ୍ଷେପ ଗ୍ରହଣ କରିଛି । ବିଶ୍ୱ ଏଡ଼୍‌ସ୍ ଦିବସ ଅବସରରେ ସମସ୍ତଙ୍କ ଭିତରେ ଏଡ଼୍‌ସ୍ ପରି ଭୟାନକ ରାକ୍ଷାସ ବିରୁଦ୍ଧରେ ମିଳିତ ଭାବେ ସଂଗ୍ରାମ କରିବା ପାଇଁ ବଜ୍ର ଶପଥର ସଂକଳ୍ପ ଦିବସ ହେଉ । ତେବେ ବଡ଼ଖୁସିର କଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ଏଡ଼୍‌ସ୍‌ର ମୁକାବିଲା ପାଇଁ ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବିନା ସରକାରୀ ସହାୟତା ବା କୌଣସି ସଂଗଠନର ସାହାଯ୍ୟ ନନେଇ ବିଭିନ୍ନ ଅନୁଷ୍ଠାନ ବର୍ଷର ବିଭିନ୍ନ ସମୟରେ କାର୍ଯ୍ୟକ୍ରମ ହାତକୁ ନେଉଛି । ସମାଜରେ ଭାୟାବହ କୁହାଯାଉଥିବା ଏଡ଼୍‌ସ୍ ଓ ହେପାଟାଇଟିସି ବି ଉଭୟ ସମ ଭାବରେ ସଂକ୍ରମଣ ହୁଅନ୍ତି। ଯାହାଦ୍ୱାରା ବିଶେଷକରି ଦାଦନମାନେ ବାହାର ରାଜ୍ୟକୁ ଯାଉଥିବାରୁ ତଥାକଥିତ ଅଞ୍ଚଳରେ ଦାଦନ ମାନଙ୍କ ଦ୍ୱାରା ଏଡ଼୍‌ସର ସମ୍ଭାବ୍ୟ ଭୟ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଏଡ଼୍‌ସ ସେଲ ମଧ୍ୟ ଗଠନ ହୋଇ ଏଡସ୍ ନିରାକରଣ ତଥା ଏହାକୁ ସଚେତନ ପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ସଫଳ ହେଉଛି । ତେବେ ଏହି ଦାୟିତ୍ୱକୁ ଆମ ସମାଜରେ ସମସ୍ତଙ୍କ ଭିତରେ ଏକ ମିଳିତ ଉତ୍ତରଦାୟିତ୍ୱ ଭାବେ ବିଚାର କଲେ ସମାଜରେ ଏଡ଼୍‌ସ୍ ରାକ୍ଷାସର ମୂଳପୋଟନ ସମ୍ଭବ ହୋଇପାରିବ ।

ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩/
୯୪୩୮୫୮୩୨୮୯

# ଜନବିସ୍ଫୋରଣ ଓ ଜନବିକାଶ



ହିମାଂଶୁ ଶେଖର ଆଚାର୍ଯ୍ୟ

ଜନସଂଖ୍ୟା ଯେ କୌଣସି ଦେଶର ପରିସମ୍ପ ି । କାରଣ ଏହା ଅର୍ଥବ୍ୟବସ୍ଥାକୁ ଶ୍ରମଶକ୍ତି ଯୋଗାଇଥାଏ । କିନ୍ତୁ ଜନସଂଖ୍ୟାର ଅଭିବୃଦ୍ଧି ଅଧିକ ହେଲେ ତାହା ପରିସମ୍ପ ି ହେବା ପରିବ େ ଦେଶ ପାଇଁ ବୋଝ ହୋଇଥାଏ । ବ ମାନ ବିଶ୍ୱରେ ଅଧିକାଂଶ ଦେଶରେ ଦୃତ ଗତିରେ ବୃଦ୍ଧି ପାଉଛି । ବିଗତ ଶତାବ୍ଦୀ ତୁଳନାରେ ଚଳିତ ଶତାବ୍ଦୀରେ ଜନସଂଖ୍ୟା ଅଭିବୃଦ୍ଧି ହାର ବହୁ ଦେଶରେ ପା ରୁ ଦଶଗୁଣ ବୃଦ୍ଧି ପାଇଛି । ଆଗାମୀ ଦିନରେ ସୃଷ୍ଟି ହେବାକୁ ଯାଉଥିବା ଏହି ଅଭାବନୀୟ ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ଏହି ଜନବିସ୍ଫୋରଣ ରୋକିବା ଜରୁରୀ । ଏଠାରେ ସୂଚନାଯୋଗ୍ୟ ଯେ, ବ ମାନ ବିଶ୍ୱ ଜନସଂଖ୍ୟା ୭୭୯ କୋଟି ଟପିସାରିଥିବା ବେଳେ ୨୦୫୦ ସୁଦ୍ଧା ଏହା ୯୭୦ କୋଟି ଅତିକ୍ରମ କରିବ ଏବଂ ୨୧୦୦ ବେଳକୁ ଏହା ପ୍ରାୟ ୧୧୦୦କୋଟିରେ ପହ ିବ ବୋଲି ଆକଳନ କରାଯଇଛି ।

ଏଠାରେ ସୂଚନାଯୋଗ୍ୟ ଯେ, ଆମ ଦେଶର ଜନସଂଖ୍ୟା ୨୦୧୧ ମସିହାରେ ୧୨୧କୋଟି ଥିବାବେଳେ ଏବେ ଏବେ ୧୪୨.୫ କୋଟିରେ ପହ ିଛି । ଅପରପକ୍ଷରେ ସମଗ୍ର ପୃଥିବୀର ଭୂଭାଗର ମାତ୍ର ୨.୪ ପ୍ରତିଶତ ଭାରତରେ ଥିବା ସ୍ଥଳେ, ପ୍ରାୟ ୧୭.୫ ପ୍ରତିଶତ ଜନସଂଖ୍ୟା ଏଠାରେ ବସତି ସ୍ଥାପନ କରନ୍ତି । ଭାରତରେ ସର୍ବାଧିକ ଜନବହୁଳ ରାଜ୍ୟ ମଧ୍ୟରେ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁର, ହାଇଦରାବାଦ, କଲ୍‌କାତାର ଜନସଂଖ୍ୟା ଯଥାକ୍ରମେ ପ୍ରାୟ ୧ କୋଟି ୨୪ ଲକ୍ଷ, ୧କୋଟି ୧୦ ଲକ୍ଷ,୮୪ଲକ୍ଷ, ୬୮ଲକ୍ଷ, ୫୮ଲକ୍ଷ ରହିଛି। ସେହିପରି ଭାରତର ସର୍ବାଧିକ ଜନବହୁଳ ରାଜ୍ୟ ମଧ୍ୟରେ ଉ ରପ୍ରଦେଶ ,ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ, ଓ ମଧ୍ୟପ୍ରଦେଶର ଜନସଂଖ୍ୟା ଯଥାକ୍ରମେ ୧୯ କୋଟି ୯୫ ଲକ୍ଷ, ୧୧କୋଟି ୨୩ ଲକ୍ଷ, ୧୦କୋଟି ୩୮ ଲକ୍ଷ, ୯କୋଟି ୧୩ ଲକ୍ଷ ଓ ୭କୋଟି ୨୫ ଲକ୍ଷ ରହିଛି। ଏଥିସହିତ ସର୍ବନିମ୍ନ ଜନସଂଖ୍ୟ ବିଶିଷ୍ଟ ରାଜ୍ୟ ମଧ୍ୟରେ ସିକିମ୍ ମିଜୋରାମ, ଅରୁଣାଚଳ ପ୍ରଦେଶ,ଗୋଆ, ନାଗାଲ୍ୟାଣ୍ଡର ଜନସଂଖ୍ୟା ଯଥାକ୍ରମେ ୬ ଲକ୍ଷ ୭ ହଜାର, ୧୦ ଲକ୍ଷ ୯୧ ହଜା, ୧୩ ଲକ୍ଷ ୮୨ ହଜା, ୧୪ ଲକ୍ଷ ୫୭ ହଜାର ଓ ୧୯ ଲକ୍ଷ ୮୦ହଜାର ରହିଛି। ସେହିପରି ଆମ ରାଜ୍ୟ ଓଡ଼ିଶା କଥା ଚିନ୍ତାକଲେ ସଂପ୍ରତି ଆମ ରାଜ୍ୟର ଜନସଂଖ୍ୟା ପ୍ରାୟ ୪.୭୦ କୋଟି ।ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଜନସଂଖ୍ୟା ବୃଦ୍ଧି ସମଗ୍ର ବିଶ୍ୱ ବିଶେଷ କରି ଆମ ଦେଶ ପାଇଁ ଚିନ୍ତାର କାରଣ ହୋଇଛି। ଯାହାକୁ ଅର୍ଥଶାସ୍ତ୍ରୀ ମାନେ ଜନ ବିସ୍ଫୋରଣର ଆଖ୍ୟା ଦେଇଛନ୍ତି।ଆମ ଦେଶର ଜନ ସଂଖ୍ୟାର ଅଭିବୃଦ୍ଧିକୁ ଦେଖିଲେ ୧୯୨୧ ମସିହା ପରଠାରୁ ଜନ ସଂଖ୍ୟାର ଆକାର ବଢିବାରେ ଲାଗିଛି। ୧୯୨୧ ମସିହାରେ ଭାରତରେ ଜନ ସଂଖ୍ୟା ୨୫ କୋଟି ଥିଲା ବେଳେ ୧୯୯୧ ମସିହାରେ ଏହି ସଂଖ୍ୟା ୮୪.୪ କୋଟିରେ ପହ ିଥିଲା । ଏବଂ ୨୦୧୧ ଜନଗଣନା ଅନୁସାରେ ଏହା ଦୃତ ଗତିରେ ବୃଦ୍ଧି ହୋଇ ୧୨୧.୦୨ କୋଟିରେ ପହ ିଥିଲା। ଏହା ହିଁ ଉଦ୍‌ବେଗର କାରଣ।

ଏହି ଜନସଂଖ୍ୟା ବିସ୍ଫୋରଣ ଭାରତର ଅର୍ଥ ବ୍ୟବସ୍ଥା ସମ୍ମୁଖରେ ଏକ ବିରାଟ ଆହ୍ୱାନ, ଯାହାର ପ୍ରତିହତ ନିମନ୍ତେ ଆମକୁ ଏହା ସମ୍ପର୍କରେ ବିଶଦ୍ ଆଲୋଚନା ଏଠାରେ ପ୍ରଣିଧାନଯୋଗ୍ୟ । ଆକାର ଦୃଷ୍ଟିରୁ ଏହା ବିଶାଳ, ଅଭିବୃଦ୍ଧି ମଧ୍ୟ ଅତି ଉଚ୍ଚସ୍ତରର, ଏଣେ ଜନସଂଖ୍ୟାର ଗୁଣାତ୍ମକ ମାନ ମଧ୍ୟ ନିମ୍ନ ଧରଣର । ଏହି ପରିପ୍ରେକ୍ଷୀରେ ଜନ ବିସ୍ଫୋରଣ ଆର୍ଥିକ ବ୍ୟବସ୍ଥାରେ କି ପ୍ରଭାବ ପକାଇଛି, ତାହାର ବିଶ୍ଳେଷଣ ଏକାନ୍ତ ଆବଶ୍ୟକ । ଜନ ବିସ୍ଫୋରଣ ଦେଶରେ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାରକୁ ସ୍ୱଳ୍ପ କରେ । ୧୯୫୦-୧୯୫୧ ରୁ ୧୯୯୦-୧୯୯୧ ମଧ୍ୟରେ ଜାତୀୟ ଆୟର ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ୪.୨୧ ପ୍ରତିଶତ ହୋଇଥିଲେ ହେଁ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାର ମାତ୍ର ୨.୧୪ ପ୍ରତିଶତ ହୋଇଥିଲା । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଦେଶରେ ଖାଦ୍ୟଦ୍ରବ୍ୟ ପାଇଁ ଅଧିକ ଚାହିଦା ସୃଷ୍ଟି କରେ। ପ ବାର୍ଷିକ ଯୋଜନାକାଳ ମଧ୍ୟରେ ଦେଶର ମୋଟ ଖାଦ୍ୟଦ୍ରବ୍ୟ ଉତ୍ପାଦନ ପରିମାଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଁ ଦେଶ ଆତ୍ମନିର୍ଭରଶୀଳ ହେବାର ସଫଳତା ହାସଲ କରିଛି । ଏ ସବୁ ସେ୍ ଦେଶରେ ଏବେ ମଧ୍ୟ ୨୭ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହି ଦୁଇବେଳା ଦୁଇମୁଠା ଖାଇବାକୁ ପାଆନ୍ତି ନାହିଁ । ଅନେକ ଶିଶୁ ପୁଷ୍ଟିହୀନତା ଓ ଖାଦ୍ୟାଭାବ ଜନିତ ରୋଗବ୍ୟାଧିର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ବୃଦ୍ଧିହାର ଦେଶର ସୀମିତ ଭୂମି ଉପରେ ଅଧିକ ଚାପ ସୃଷ୍ଟି ମଧ୍ୟ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୧୯୫୧ ରୁ ୨୦୧୧ ମଧ୍ୟରେ ଜଣପିଛା ଚାଷଜମି ୦.୯ ହେକ୍ଟରରୁ ୦.୩ ହେକ୍ଟରକୁ ହ୍ରାସ ପାଇଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ଦେଶରେ ବେକାରୀ ଓ ଅବିନିଯୋଗର ସମସ୍ୟା ସୃଷ୍ଟି ହୋଇଛି । ଯୋଜନା ଆୟୋଗ ହିସାବରୁ ଜଣାଯାଏ ଯେ, ୨୦୦୧ ମସିହା ସୁଦ୍ଧା ଦେଶରେ ବେକାରୀ ସଂଖ୍ୟା ୧୦୬ ନିୟୁତ ଥିଲା ।

ଜନସଂଖ୍ୟାର ଆକାର ବର୍ଷକୁ ବର୍ଷ ବିଶାଳ ହେବାଦ୍ୱାରା ଲୋକମାନଙ୍କୁ ଶିକ୍ଷା, ଚିକିତ୍ସା ତଥା ବାସଗୃହର ପର୍ଯ୍ୟାପ୍ତ ସବିଧା ସୁଯୋଗ ଦିଆଯାଇପାରୁ ନାହିଁ । ଏସବୁ ମାନବ ସମ୍ବଳ ବିକାଶ ନିମି ଆବଶ୍ୟକ । ଦେଶର ପ୍ରାୟ ୧୨ ପ୍ରତିଶତ ଲୋକଙ୍କର ବାସଗୃହ ନାହିଁ। ସାକ୍ଷରତା ହାର ୫୨.୧ ରୁ ୭୪.୦ ପ୍ରତିଶତକୁ ବୃଦ୍ଧି ପାଇଥିଲେ ମଧ୍ୟ (୧୯୯୧ - ୨୦୧୧), ଦେଶର ୨୪ ପ୍ରତିଶତରୁ ଅଧିକ ଲୋକ ନିରକ୍ଷର । ଚିକିତ୍ସାର ସୁବିଧା ମଧ୍ୟ ସମସ୍ତଙ୍କ ପାଇଁ ନାହିଁ । ଏସବୁ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କୁପରିଣାମ । ଜନ ବିସ୍ଫୋରଣ ପରିବେଶ ଓ ପର୍ଯ୍ୟାବରଣ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଜନସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ହେତୁ ନିଯୁକ୍ତି ଓ ଉଚ୍ଚଶିକ୍ଷା ଆଶାରେ ବହୁ ଲୋକ ଛୋଟ ଓ ବଡ ସହର ଆଡକୁ ଧାବମାନ ହେଉଛନ୍ତି । ସହରରେ ଛୋଟ ଛୋଟ ବସ୍ତି ଅନିୟନ୍ତ୍ରିତ ଭାବେ ଗଢିଉଠୁଛି । ସହରର ଜଳ, ରାସ୍ତା, ପରିବହନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ଉପରେ ଚାପ ପଡୁଛି । ପରିବେଶ ଦୂଷିତ ହେଉଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ପର୍ଯ୍ୟାବରଣ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି । ମଣିଷ ତଥା ପ୍ରକୃତି ମଧ୍ୟରେ ଥିବା ସମତୁଲ୍ୟତା ରକ୍ଷା କରାଯାଇ ପାରୁନାହିଁ । ଫଳରେ ତାପମାତ୍ରାରେ ବୃଦ୍ଧି, ବାତ୍ୟା, ବନ୍ୟା, ମରୁଡି ଇତ୍ୟାଦି ପ୍ରାକୃତିକ ଦୁର୍ବିପାକ ଦେଖାଦେଉଛି ।

ଜନ ବିସ୍ଫୋରଣର ଆମ ଦେଶର ପ୍ରଗତିର ପ୍ରଧାନ ଅନ୍ତରାୟ । ପରିବାର ନିୟୋଜନ, ନିରାପଦ ମାତୃତ୍ୱ , ଲିଙ୍ଗଗତ ସମାନତା ଓ ଜନ ସଶକ୍ତିକରଣ ଜରିଆରେ ଜନ ସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିପାରିଲେ ଏହାର ସୁଫଳ ମିଳିପାରିବ। ଏଦିଗରେ ସାମୁହିକ ଉଦ୍ୟମ ଲୋଡା। ଏକଥାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍।

ଅବସରପ୍ରାପ୍ତ
ଅଧ୍ୟାପକ,
ତିର୍ େଲ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

# ଓଡିଶାର ପ୍ରଥମ ବାଚସ୍ପତି



ଅକ୍ଷୟ କୁମାର ରାଉତ

ଭାରତ ବର୍ଷର ସ୍ୱାଧିନତା ଆନ୍ଦୋଳନରେ ଅନେକ ସଂଗ୍ରାମୀ ବଳିପଡିଗଲେ। ସେମାନଙ୍କ ଭିତରୁ ଅନେକ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଆପୋଷହୀନ ଭାବରେ ଲଢେଇ କରୁଥିଲେ। ଦେଶସେବା ଥିଲା ସେମାନଙ୍କର ଜୀବନର ବ୍ରତ। ଏହିଭଳି ଯେଉଁ କେତେଜଣ ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ନିଜ ନୀତିରୁ ବିଚ୍ୟୁତ ହୋଇ ନଥିଲେ। ମୁକୁନ୍ଦ ପ୍ରସାଦ ଦାସ ସେମାନଙ୍କ ଭିତରୁ ଥିଲେ ଅନ୍ୟତମ।

ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ ନିକଟରେ ଏକ ଛୋଟ ଗାଁ ପାବର୍ତୀପୁର। ଏହି ଗାଁରେ ଏକ ସଂଭ୍ରା' କରଣ ବଂଶରେ ୧୮୮୭ ମସିହା ଅଗଷ୍ଟ ମାସ ୧୨ ତାରିଖରେ ହର ପ୍ରସାଦ ଦାସଙ୍କ ବଡ ପୁତ୍ରରୂପେ ଜନ୍ମ ଗ୍ରହଣ କଲେ ମୁକୁନ୍ଦ ପ୍ରସାଦ। ତାଙ୍କର ଦୁଇଭାଇ ଓ ଗୋଟିଏ ଭଉଣୀ ମଧ୍ୟ ଥିଲେ। ମୁକୁନ୍ଦ ପ୍ରାସଦ ଗାଁରୁ ପାଠପଢା ଆରମ୍ଭ କରି ସୋର ମାଇନର ସ୍କୁଲରେ ପାଠପଢିଲେ। ମାଲବାହୀ ରେଳଗାଡିରେ ବସି ମାଇନର ପରୀକ୍ଷା ଦେବା ପାଇଁ ଭଦ୍ରକ ଯାଇଥିଲେ। ମୁକୁନ୍ଦ ପ୍ରସାଦ ଜଣେ କୃତି ଛାତ୍ର ଥିଲେ।ସେ ତାଙ୍କର ପିଉସାଙ୍କ ନିକଟରେ ରହି ବାଲେଶ୍ୱର ମିଶନ ସ୍କୁଲରେ ମେଟ୍ରିକ ପାଠ ପଢୁଥିଲେ। ତାଙ୍କ ପିତା ଜଣେ ପ୍ରଥମିକ ଶିକ୍ଷକ ଥିବାରୁ ମୁକୁନ୍ଦ ପ୍ରସାଦ ପିଉସାଙ୍କ ଉପରେ ନିର୍ଭର କରୁଥିଲେ। ପିଉସା ମେସ୍ ଖର୍ଚ୍ଚ ବାବଦକୁ ଦିନକୁ ୬ ପଇସା ଦେଉଥିଲେ। ମୁକୁନ୍ଦ ପ୍ରସାଦ ଭଦ୍ରକରୁ ନୌକାରେ ଆସି କଟକରେ ମେଟ୍ରିକ ପରୀକ୍ଷା ଦେଇ ମେଟ୍ରିକ ପାସ୍ କରିଥିଲେ। ମୁକୁନ୍ଦ ପ୍ରସାଦ ଆର୍ଥିକ ଅଭାବ ଯୋଗୁ କଲେଜରେ ପଢିପାରି ନଥିଲେ। ସେ ଘରୋଇ ଭାବେ ପାଢପଢି କଲିକତାରେ ମୁକ୍ତ୍ୟାର ପରୀକ୍ଷା ଦେଇ ସଫଳାତାର ସହ କୃତ କାର୍ଯ୍ୟ ହେଲେ। ବାଲେଶ୍ୱରସ୍ଥ ଝାଡେଶ୍ୱର ମନ୍ଦିର ନିକଟରେ ଗୋଟିଏ ଭଡା ଘର ନେଇ ମୁକ୍ତ୍ୟାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ଥିଲେ ଜଣେ ସ୍ୱାଧୀନଚେତା ନିର୍ଭୀକ ସତ୍ୟର ପୂଜାରୀ ମଣିଷ, ଅତି କମ୍ ଦିନ ମଧ୍ୟରେ ସେ ଜଣେ ନାମଜାଦା ମୁକ୍ତ୍ୟାର ଓ ଆଇନଜୀବୀ ଭାବେ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ଲାଭ କଲେ । ଥରେ କୌଣସି ଏକ କେସ୍ ସମ୍ବନ୍ଧରେ କଲିକତା ଯାଇଥିଲେ, ଯିବା ପୂର୍ବରୁ ସମସ୍ତଙ୍କୁ କହିଥିଲେ ଯଦି ଏହି କେସ୍‌ରେ ସେ ହାରି ଯାଆଁ, ତେବେ ସେ ପବିତ୍ର ଗଙ୍ଗା ନଦୀରେ ଆତ୍ମ ବିସର୍ଜନ କରିବେ, କି଼ୁ ସେ କେସ୍‌ରେ ବିଜୟୀ ହୋଇ ଖୁସିରେ ଘରକୁ ଫେରିଲେ।

ଦିନେ ବାଲେଶ୍ୱରର କଲେକ୍ଟର ଦେବ ସାହେବଙ୍କୁ ଏସ୍.ଡି.ଓ.ଙ୍କ କୋର୍ଟରେ ସାକ୍ଷୀ ଦେବାକୁ ପଡିଲା। ମୁକ୍ତ୍ୟାର ଭାବେ ମୁକୁନ୍ଦ ପ୍ରସାଦ ଦେଖିଲେ ଯେ କଲେକ୍ଟର ଏସ୍.ଡି.ଓ.ଙ୍କ ନିକଟରେ ଏକ ଚଉକି ଉପରେ ବସିଛନ୍ତି। ତେଣୁ ମୁକୁନ୍ଦ ପ୍ରସାଦ କିଛି ପଚାରି ପାରିଲେନାହିଁ। ବିଳମ୍ବ ହେତୁ ଏସ୍.ଡି.ଓ. ମୁକ୍ତ୍ୟାର ମୁକୁନ୍ଦ ପ୍ରସାଦଙ୍କୁ ପଚାରିଲେ ସାହେବ ତ ଅନେକ ବେଳୁ ଆସିଲେଣି। ଆପଣ ତାଙ୍କୁ ପଚାରିବାର ଯାହା ଅଛି ଡେରି ନ କରି ପଚାର଼ୁ। ମାତ୍ର ମୁକ୍ତ୍ୟାର ଜଣକ ସ୍ପଷ୍ଟ ଭାବେ କହିଲେ- କଲେକ୍ଟର ସାକ୍ଷୀଦେବା ସ୍ଥାନରେ ଛିଡା ହେଲା ପରେ ସେ ତାଙ୍କୁ କିଛି ପଚାରିବେ। ଏହି କଥାରେ କଲେକ୍ଟର ସାହେବ ରାଗି, ସାକ୍ଷୀ ଗଡାକୁ ଯାଇ ଛିଡା ହେଲେ। ଏହାପରେ ମୁକ୍ତ୍ୟାର ତାଙ୍କୁ ଜେରା କରିଥିଲେ।ଏହି ନିର୍ଭୀକ ଓ ସ୍ପଷ୍ଟବାଦୀ ମୁକ୍ତ୍ୟାର ଜଣକ ହେଉଛନ୍ତି ଆମ ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ।

ମୁକୁନ୍ଦ ପ୍ରସାଦ କଠୋର ପରିଶ୍ରମ କରି ଜଣେ ସଫଳ ସଚ୍ଚୋଟ ଓ ନିଷ୍ଠାପର ଆଇନଜୀବୀ ଭାବେ ଦକ୍ଷତା ପ୍ରତିପାଦନ କରି ସାରିବା ପରେ, ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ରଙ୍କ କନ୍ୟା ଜାହ୍ନବୀ ଦେବୀଙ୍କୁ ବିବାହ କରିଥିଲେ। ଜାହ୍ନବୀ ଦେବୀ ଥିଲେ ଜଣେ ନାରୀ ନେତ୍ରୀ। ପରବର୍ତୀ ସମୟରେ ସେ ମୁକୁନ୍ଦ ପ୍ରସାଦଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ।

ପରାଧିନ ଭରତ ବର୍ଷରେ ସାଧାରଣ ଲୋକେ ଇଂରେଜ ସରକାରଙ୍କ କଠୋର କୁଶାସନ ଓ ଅନ୍ୟାୟ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ। ମୁକୁନ୍ଦ ପ୍ରସାଦ ଆଇନ ମାଧ୍ୟମରେ ନିର୍ଭୀକ ସ୍ୱର ଉତୋଳନ କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ। ବିନା ଅପରାଧରେ ସରଳ ସୁନ୍ଦର ଲୋକମାନେ ନାନା କଷ୍ଟ ଭୋଗ କରୁଥିଲେ। ମୁକୁନ୍ଦ ପ୍ରସାଦ ବିନା ପଇସାରେ ଅନେକ ମକଦ୍ଦମା ଲଢି ପ୍ରକୃତ ନ୍ୟାୟ ଲୋକମାନଙ୍କୁ ଦେଇ ପାରୁଥିଲେ। ଏଥିରେ ବାଲେଶ୍ୱର କଲେକ୍ଟର, ମୁକୁନ୍ଦ ପ୍ରସାଦଙ୍କ ଉପରେ ଅସ଼ୁଷ୍ଟ ହୋଇ ମିଥ୍ୟା ମକଦ୍ଦମା ଦାଏର କଲେ। ଏହି ମିଥ୍ୟା ମକଦ୍ଦମାରୁ ଉଦ୍ଧାର ପାଇବା ପାଇଁ ମୁକୁନ୍ଦ ପ୍ରସାଦ ମଧୁ ବାବୁଙ୍କର ସହାୟତା ଲୋଡିଲେ। ମୁକୁନ୍ଦ ପ୍ରସାଦଙ୍କ ବିଚାର ଦିନ ବାଲେଶ୍ୱର ଅଦାଲତରେ ମଧୁବାବୁ ପଂହଚି ଦେଖିଲେ ମିଶଲରେ ଜଜ୍‌ଙ୍କ ନିକଟରେ କଲେକ୍ଟର ବସିଛନ୍ତି। ତେଣୁ କାହାକୁ କିଛି ନକହି ଡାକ ବଙ୍ଗଳକୁ ଚାଲିଗଲେ। ଏହାପରେ ଜଜ୍ ବିବ୍ରତ ହୋଇ ପେସ୍କାରଙ୍କୁ ପ୍ରକୃତ କାରଣ କଣ ବୁଝିବା ପାଇଁ ମଧୁବାବୁଙ୍କ ନିକଟକୁ ପଠାଇଲେ। ମଧୁବାବୁ ପେସ୍କାରଙ୍କୁ ଦେଖି ଚଢା ଗଳାରେ କହିଲେ -'ତୁମ ଜଜଙ୍କୁ କହିଦେବ, ସେ ବ୍ରିଶିସ୍ କ୍ରାଉନ୍‌ଙ୍କୁ ଅପମାନିତ କରିଛନ୍ତି ଯେଉଁ ସରକାରୀ କର୍ମଚାରୀ କ୍ରାଇନଙ୍କୁ ଅପଦସ୍ତ କରେ, ସେ ସରକାରୀ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହେଁ। ତେଣୁ ତୁମ ଜଜ୍ ତାଙ୍କ ପଦବୀରେ ରହିବା ଅନୁଚିତ'।' ଜଜ୍ ମୁଦାଲାକୁ ନିଜ ପାଖରେ ମିଶଲରେ ବସାଇ ଅନ୍ୟାୟ କରିଛନ୍ତି, ତେଣୁ ମୁଁ ଚାଲି ଅସିଲି ' ପେସ୍କାର ମଧୁବାବୁଙ୍କ କଥା ଜଜ୍‌ଙ୍କୁ ଜଣାଇବାରୁ ଜଜ୍ ନିଜର ଭୁଲ ବୁଝିପାରିଲେ ଓ ମଧୁବାବୁଙ୍କୁ ବଙ୍ଗଳାରେ ଦେଖାକରି ଭୁଲ ସ୍ୱୀକାର କଲେ। ଯଥା ସମୟରେ ଜଜ୍ ନିଜର ରାୟ ଘୋଷଣା କରି ମୁକୁନ୍ଦ ପ୍ରସାଦଙ୍କୁ ନିର୍ଦ୍ଦୋଷରେ ଖଲାସ କଲେ।ମୁକୁନ୍ଦ ପ୍ରସାଦ ଛାତ୍ର ଥିବା ବେଳେ ୧୯୦୭ ମସିହାରେ ଉତ୍କଳ ୟୁନିୟନ କଂଗ୍ରେସ ଦ୍ୱାରା ପରିଚାଳିତ ଦେଶ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲେ। ବ୍ରିଟିଶ ଶାସକଙ୍କ ଅନ୍ୟାୟ,ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ। ଜଣେ ବିଶିଷ୍ଟ ସମାଜ ସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ତାଙ୍କର ପତ୍ନୀ, ପୁତ୍ର ଓ କନ୍ୟା ସମସ୍ତଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରାଇଥିଲ। ସେ ହରେକୃଷ୍ଣ ମହତାବଙ୍କର ଜଣେ ଘନିଷ୍ଠ ସହଯୋଗୀ ହୋଇଯାଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ବାସଭବନ ପାଲଟି ଯାଇଥିଲା, କଂଗ୍ରେସର ବହୁନେତା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଘରୋଇ ଅଫିସ୍। ତାଙ୍କ ଘରେ ମହାତ୍ମା ଗାନ୍ଧୀ, ଜୟପ୍ରକାଶ ନାରାୟଣ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ଅନେକ ବଡ ବଡ ଜାତୀୟବାଦୀ ନେତା ଅତିଥି ହୋଇଥିଲେ। ଉତ୍କଳ ସମ୍ମିଳନୀରେ ମୁକୁନ୍ଦ ପ୍ରସାଦ ଓଡିଶାର ଗମନାଗମନ, ବାଣିଜ୍ୟ ଓ ଶିକ୍ଷାର ଉପରେ ଗୁରୁତ୍ୱ ଦେଉଥିଲେ।

ଥରେ ମୁକୁନ୍ଦ ପ୍ରସାଦଙ୍କୁ ଇଂରଜ ସରକାର ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କଲେ। ଏହି କେସ୍‌ରେ ଲଢିବା ପାଇଁ ବିଶିଷ୍ଟ ଆଇନଜ୍ଞ ଓ ସ୍ୱାଧୀନତା ସଂଗ୍ରାମୀ ଚିତରଂଜନ ଦାସ ଦାୟିତ୍ୱ ନେଲେ, ବହୁଦିନ ପର୍ଯ୍ୟ' ବିଚାର ଚାଲିଲା। ଶେଷରେ ମୁକୁନ୍ଦ ପ୍ରସାଦ ନିର୍ଦ୍ଦୋଷରେ ଖଲାସ ହେଲେ।

୧୯୨୭ ମସିହାରେ ମହାତ୍ମା ଗାନ୍ଧୀ ଓଡିଶା ଗସ୍ତରେ ଆସି ଡିସେମ୍ବର ୧୪ ତାରିଖ ଦିନ ମୁକୁନ୍ଦ ପ୍ରସାଦଙ୍କ ଘରେ ଅତିଥି ହୋଇ, ବାଲେଶ୍ୱରର ବିଭିନ୍ନ ସଭାସମିତିମାନଙ୍କରେ ଭାଷଣ ଦେଇଥିଲେ । ମୁକୁନ୍ଦ ପ୍ରସାଦ ବାଲେଶ୍ୱର ଷ୍ଟେସନ ପଡିଆଠାରେ ଏକ ବିରାଟ ସଭାର ଆୟୋଜନ କରିଥିଲେ। ମହାତ୍ମା ଗାନ୍ଧୀ ଏହି ସଭାରେ ଭାଷଣ ଦେଇଥିଲେ। ଏହି ସଭାରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, ସୁଭଦ୍ରା ମହତାବ, ନନ୍ଦକିଶୋର ଦାସଓ ନୀଳାମ୍ବର ଦାସ ସମେତ ବହୁ ବିଶିଷ୍ଟ ନେତା ଓ କଂଗ୍ରେସର କର୍ମୀ ଯୋଗ ଦେଇ ଥିଲେ। ଏହାପରେ ମୁକୁନ୍ଦ ପ୍ରସାଦ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇନ ବ୍ୟବସାୟଙ୍କୁ ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ।

୧୯୨୮ ମସିହାରେ କଲିକତା ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, କୋକିଳ ଦେବୀ,ସରଳା ଦେବୀ, ରମାଦେବୀ ଓ ସରୋଜିନୀ ଚୌଧୁରୀ ଆଦି ନାରୀ ନେତ୍ରୀମାନେ ଓଡିଶାରୁ ପ୍ରତିନିଧିତ୍ୱ କରିଥିଲେ। ୧୯୩୦ ମସିହାରେ ଇଂଚୁଡିଠାରେ ଲବଣ ସତ୍ୟାଗ୍ରହରେ ମୁକୁନ୍ଦ ପ୍ରସାଦ, ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀ, ରମାଦେବୀ,ଜାହ୍ନବୀ ଦେବୀ ଓ କୋକିଳ ଦେବୀ ଯୋଗଦେଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ ଗିରଫ ହୋଇ କାରାବରଣ କରିଥିଲେ। କି଼ୁ ମୁକୁନ୍ଦ ପ୍ରସାଦମାଜିଷ୍ଟ୍ରେଟଜ୍ଞାନ ବାବୁଙ୍କ ସହାୟତାରେ ଖଲାସ ହୋଇଯାଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ସହଯୋଗରେ ୧୯୩୧ ମସିହାରେ ବାଲେଶ୍ୱଠାରେ ଓଡିଶାର ପ୍ରଥମ ଉତ୍କଳ ମହିଳା ସମ୍ମିଳନୀ ଅନଷ୍ଠିତ ହୋଇଥିଲା ଏଥିରେ ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ ଶ୍ରୀମତୀ ଜାହ୍ନବୀ ଦେବୀ । ୧୯୪୨ ମସିହାରେ 'ଭାରତଛାଡ' ଆନ୍ଦୋଳନରେ ବହୁ ନେତା ଗିରଫ ହୋଇଥିଲେ, ଏଥିରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଶ୍ରୀମତୀ ଜାହ୍ନବୀ ଦେବୀ କାରାବରଣ କରିଥିଲେ। ସ୍ୱାମୀ ମୁକୁନ୍ଦ ପ୍ରସାଦଙ୍କ ପ୍ରେରଣା ଯୋଗୁ ଜାହ୍ନବୀ ଦେବୀ ସ୍ୱାଧିନତା ଆନ୍ଦୋଳନରେ ବହୁବାର ଗିରଫ ହୋଇଥିଲେ। ହଜାରୀବାଗ୍ ଜେଲରୁ ଖଲାସ ହୋଇ ଓଡିଶା କଂଗ୍ରେସର ନେତାମାନେ ପ୍ରଥମେ ମୁକୁନ୍ଦ ପ୍ରସାଦଙ୍କୁ ସାକ୍ଷାତ କରୁଥିଲେ। ମୁକୁନ୍ଦ ପ୍ରସାଦ ସେମାନଙ୍କର ରହିବା,ଖାଇବ ଓ ସୁବିଧା ଅସୁବିଧାର ସମସ୍ତ ଖର୍ଚ୍ଚ ବହନ କରୁଥିଲେ। ବ୍ରିଟିଶ ସରକାରଙ୍କ ୧୯୩୫ ମସିହା ଭାରତ ଆଇନ୍ ଅନୁଯାୟୀ ଓଡିଶା ବିହାରରୁ ଅଲଗା ହୋଇ, ୧୯୩୬ ମସିହା ଏପ୍ରିଲ ପହିଲା ଦିନ ବିଧିବଦ୍ଧ ଭାବେ ଓଡିଶା ସ୍ୱତନ୍ତ୍ର ରାଜ୍ୟ ରୂପେ ଘୋଷିତ ହେଲା। ତେଣୁ ରାଜ୍ୟ ବିଧାନସଭାର ୬୦ଟି ଆସନ ନିମ େ ନିର୍ବାଚନ କରାଗଲା। ଏହି ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ ମଧ୍ୟ ସଂଖ୍ୟାଲଘୁ ବିରୋଧି ଦଳର ନେତା ପାରଳାଖେମୁଣ୍ଡିର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଓଡିଶାର ପ୍ରଧାନମନ୍ତ୍ରୀ ଓ ମୁକୁନ୍ଦ ପ୍ରସାଦ ଦାସ ପ୍ରଥମ ବାଚସ୍ପତି ଭାବରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ରେଭେନସା କଲେଜରେ ବିଧାନସଭାର ପ୍ରଥମ ଅଧିବେଶନ ୧୯୩୭ ମସିହା ଜୁଲାଇ ୨୮ ତାରିଖ ଦିନ ବସିଥିଲା। ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ବିଧାନସଭାର ସମସ୍ତ ସଭ୍ୟଙ୍କୁ ଠିଆହୋଇ 'ବନ୍ଦେ ମାତରମ୍' ଗାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତି ଭାବରେ ଓଡିଶାର ସମସ୍ତ ବିଚ୍ଛିନ୍ନାଚଂଳକୁ ଓଡିଶାରେ ମିଶେଇବା ପାଇଁ ଅବିରତ ଚେଷ୍ଟା ଚଳାଇଥିଲେ।ବାଚସ୍ପତି ଭାବରେ ବିଧାନସଭାରେ ବ୍ୟବହୃତ ଭାଷା ପ୍ରଶ୍ନୋତର, ତର୍କ-ବିତର୍କ ଆଦି ନିୟମ, ଆଦର୍ଶ ଓ ପରମ୍ପରା ଉପରେ ତାଙ୍କର ଗଭୀର ଦକ୍ଷତା ଥିଲା। ତାଙ୍କରଅନେକ ଉପାଦେୟ ନିଷ୍ପତି ବିଧାନସଭାର ଗୌରବ ବୃଦ୍ଧି କରିଥିଲା। ପରବର୍ତିକାଳରେ ମୁକୁନ୍ଦ ପ୍ରସାଦ ବାଚସ୍ପତି ମାନଙ୍କ ନିମ େ ଆଦର୍ଶ ହୋଇଯାଇଥିଲେ।

୧୯୬୦ ମସିହାରେ ବିଶ୍ୱକୃଷି ପ୍ରଦର୍ଶନୀ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାରୁ ମୁକୁନ୍ଦ ପ୍ରସାଦ ପ୍ରତିନିଧି ରୂପେ ଯୋଗଦେଇ କୃଷିର ବିକାଶ ପାଇଁ କେତେକ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ଗ୍ରାମରେ ପ୍ରଥମେ ଜାପାନୀ କଳ ଲଙ୍ଗଳ ସାହାର୍ଯ୍ୟରେ ଚାଷ କରିଥିଲେ। କୃଷି ବ୍ୟତୀତ ଓଡିଆ ଭାଷା, ସାହିତ୍ୟ,ସଂସ୍କୃତି,ପରମ୍ପରା ଓ ସଙ୍ଗୀତର ବହୁ ଉନ୍ନତି ସାଧିତ କରିଥିଲେ। ସେ ଏକ ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା କରିଥିଲେ। ତାଙ୍କର ୨ ପୁତ୍ର ଗୌର ଗୋପାଳ ଓ ନଟ ଗୋପାଳ। ନଟ ଗୋପାଳଙ୍କ ଅକାଳ ମୃତ୍ୟୁରେ, ସେ 'ନଟଗୋପାଳ' ନାମରେ ଗୋଟିଏ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ଗଢିଥିଲେ। ମୁକୁନ୍ଦ ପ୍ରସାଦ ଜଣେ ସଂଗ୍ରାମୀ, ନିର୍ଭୀକ,ସ୍ପଷ୍ଟବାଦୀ, ଆଦର୍ଶ ଓ ସରଳ ମଣିଷ ଥିଲେ। ଏହି ନିଷ୍କପଟ ସରଳ ଉତ୍କଳ ମାତାର ବରପୁତ୍ର ୧୯୬୯ ମସିହା ନଭେମ୍ବର ମାସ ୭ ତାରିଖ ରେ ଆମଠାରୁ ଚିରଦିନ ପାଇଁ ବିଦାୟ ନେଇଥିଲେ।

*ପାରାଦ୍ୱୀପଗଡ,କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇନ୍‌ଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାର ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଈ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବା ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇନ୍‌ଷ୍ଟିଚ୍ୟୁଟ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗଦେବ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ସିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ନିଯୁକ୍ତିର ନାଟକୀୟ ମୋଡ

କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ନିଯୁକ୍ତି ନାଟକୀୟ ମୋଡ ନେଇଛି। ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଆଜିର ଆଦେଶକୁ କାର୍ଯ୍ୟକାରୀ କରିବାକୁ ଯାଇ କଲେଜର ବିଦାୟୀ ଅଧକ୍ଷ ଗୋପାଳ ବେହେରା ଅପରାହ୍ନରେ ଏକ ଟେଲିଫୋନ ବା ର୍ତାରେ ମୌଖିକ ନିର୍ଦ୍ଦେଶ ବଳରେ ୩ଜଣ ବରିଷ୍ଠ ଅଧାପିକା ଓ ଅଧାପକଙ୍କୁ ଉପେକ୍ଷା କରି ୪ର୍ଥ ସ୍ଥାନରେ ଥିବା ଗଣିତ ବିଭାଗ ଅଧାପକ ଅଶୋକ କୁମାର ଦାସଙ୍କୁ କଲେଜ ଅଧକ୍ଷ ଦାୟୀତ୍ୱ ବେଆଇନ ଭାବେ ସମର୍ପି ଦେଇଥିବା ଅଭିଯୋଗ ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଆଜି କେନ୍ଦ୍ରାପଡା ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ବେହେରା ଅବସରଗ୍ରହଣ କରୁଥିବାରୁ କଲେଜ ଅର୍ଥନୀତି ବିଭାଗ ରିଡର ଡଃ. ଜ୍ଞାନୀନ୍ଦ୍ର ଦାଶଙ୍କୁ କଲେଜର ଅଧକ୍ଷ ତଥା ସମ୍ପାଦକ ଭାବେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ତା ୯.୧୧.୨୦୨୩ରିଖରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। କେନ୍ଦ୍ରାପଡା ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତିଙ୍କ ସୁପାରିଶ କ୍ରମେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ନିଯୁକ୍ତି ପ୍ରଦାନ କରାଯାଇଥିଲା। ଉଚ୍ଚଶିକ୍ଷା ବିଭାଗର ଏହି ନିର୍ଦ୍ଦେଶନାମାକୁ ମହାବିଦ୍ୟାଳୟ ଗଣିତ ବିଭାଗ ମୁଖ୍ୟ ଅଶୋକ କୁମାର ମିଶ୍ର ଚ୍ୟାଲେଞ୍ଜ କରି ଓଡିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲୁପିସି ନଂ-୩୮୩୯୧/୨୦୨୩ରେ ଏକ ରିଟ ପିଟିସନ ଦାୟର କରିଥିଲେ। ସେହି ରିଟପିଟିସନରେ ଆବେଦନକାରୀ ରିଡର ଶ୍ରୀ ମିଶ୍ର ଦର୍ଶାଇଥିଲେ ଯେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟର ଅଧକ୍ଷ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିବା ଡଃ. ଜ୍ଞାନୀନ୍ଦ୍ର ଦାଶ ନିକିରାଇସ୍ଥିତ ବୀର ହନୁମାନଜୀଉ +୨ ମହାବିଦ୍ୟାଳୟରୁ କେନ୍ଦ୍ରାପଡା ମହାବିଦ୍ୟାଳୟକୁ ବଦଳି ହୋଇ ଆସିଥିବାରୁ ତାଙ୍କୁ କେନ୍ଦ୍ରାପଡା +୩ ମହାବିଦ୍ୟାଳୟରେ ଅଧକ୍ଷ ପଦରେ ନିଯୁକ୍ତି ଦିଆଯିବା ବେଆଇନ। ପୂର୍ବରୁ ଅନ୍ୟ ଏକ ମାମଲାର ବିଚାର କରି ଓଡିଶା ଉଚ୍ଚ ନ୍ୟାୟାଳୟ ପ୍ରଦାନ କରିଥିବା ନିର୍ଦ୍ଦେଶ କ୍ରମେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ନଂ- ୩୩୦୪୭ ତା ୪.୮.୨୦୨୩ରିଖ ଅନୁଯାୟୀ ଏକ +୨ କଲେଜରେ ଚାକିରୀ ଆରମ୍ଭ କରିଥିବା ଜଣେ ଅଧାପକ ପରେ ବଦଳି ହୋଇ ଆସି ଏକ +୩ କଲେଜର ଅଧକ୍ଷ ହୋଇପାରିବେ ନାହିଁ। ସେହି ମାମଲାର ବିଚାର କରି ଓଡିଶା ଉଚ୍ଚ ନ୍ୟାୟାଳୟ ଅପରପକ୍ଷଙ୍କୁ ନୋଟିସ ଜାରି କରିବା ସହ ଆସନ୍ତା ଡିସେମ୍ବରମାସ ୭ତାରିଖ ପରବ ର୍ତୀ ଶୁଣାଣୀ ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ବିଭାଗର ଅଧକ୍ଷ ନିଯୁକ୍ତି ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ଅଧକ୍ଷ ଶ୍ରୀ ବେହେରା ଅବସର ଗ୍ରହଣ ପରେ କାହାକୁ ଦାୟୀତ୍ୱ ହସ୍ତାନ୍ତର କରିବେ ତାହା ଅମୀମାଂସୀତ ହୋଇ ରହିଥିଲା।

# ଉନ୍ନତ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ କଲେ ନୂତନ ପ୍ରକଳ୍ପର ଶୁଭାରମ୍ଭ

ବାରିପଦା,(ପି.ଏନ): ରାଜ୍ୟରେ ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କର ଭିତ୍ତିଭୂମି ବିକାଶ ଉଦ୍ଦେଶ୍ୟରେ ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟନାୟକ ଗୁରୁବାର ଦିନ ଆଭାସୀ ମାଧ୍ୟମରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟବାହାରେ ରହୁଥିବା ଓଡ଼ିଆ ମାନଙ୍କର ପରିବାର ବର୍ଗ ମାନଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟକାର୍ଡ ତରଫରୁ ଟୋଲ ଫ୍ରି ନମ୍ବର (୧୮୦୦ ୧୨୦ ୧୨୦ ୧୦୪)ର ଶୁଭାରମ୍ଭ କରିଥିଲେ। ଏହି ଉଦ୍ଘାଟନ ସମୟରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ସମସ୍ତ ଜିଲ୍ଲାର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମାନେ ଯୋଗ ଦେଇ ଏହି ଜନହିତକର କାର୍ଯ୍ୟକ୍ରମ ର ଲୋକାର୍ପଣରେ ସାମିଲ ହୋଇଥିଲେ। ଇତ୍ୟବସରରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ (ଭା.ପ୍ର.ସେ.) ଏହି ବୈଠକରେ ସଭାପତିତ୍ୱ କରି ଜିଲ୍ଲା




ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ରୂପଭାନୁ ମିଶ୍ର ଏବଂ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହିତ ଏହି ଉନ୍ନତିକରଣ ପ୍ରକଳ୍ପ ବିଷୟରେ ପୁଙ୍ଖାନୁପୁଙ୍ଖ ମତ ନେଇଥିଲେ। ଏଥି ସହିତ ଜିଲ୍ଲାରେ ଆଗକୁ ହେବାକୁ ଥିବା ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କର କାର୍ଯ୍ୟକାରୀ ସ୍ଥିତି ବିଷୟରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ସ୍ଥିତି ପରଖି କାର୍ଯ୍ୟକୁ ଦ୍ୱରାନ୍ୱିତ କରିବା ପାଇଁ ଏହି ବୈଠକରେ କହିଥିଲେ। ମୟୂରଭଞ୍ଜ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ଓସଓ୍ୱାନ ହଲ ଠାରେ ଏହି ଆଭାସୀ ବୈଠକର ଆୟୋଜନ କର ଯାଇଥିବା ବେଳେ, ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗ ବିଶେଷ କରି ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିବାର ସୂଚନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ। ସୂଚନା ଥାଉକି, ଉଦ୍ଘାଟନୀ ସମାରୋହରେ ୫ଟି (ଟ୍ରାନ୍ସଫର୍ମେସନାଲ୍ ଇନିସିଏଟିଭ୍) ଏବଂ 'ନବିନ ଓଡିଶା'ର ଚେୟାରମ୍ୟାନ୍ ଭି. କେ ପାଣ୍ଡିଆନ ପ୍ରଥମେ ଏହି ପ୍ରକଳ୍ପ ବିଷୟରେ ବିଷାଦ ମନ୍ତବ୍ୟ ରଖିଥିବା ବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମତୀ ଅନୁ ଗର୍ଗ (ଭା.ପ୍ର.ସେ.) ଏବଂ ମାନ୍ୟବର ରାଜ୍ୟ ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ରାଜ୍ୟସରକାରଙ୍କର ଏହି ବିକାଶୋନ୍ମୁଖୀ ପଦକ୍ଷେପ ବିଷୟରେ ସମଗ୍ର ରାଜ୍ୟର ଅଧିକାରୀ ମାନଙ୍କୁ ସୂଚନା ଦେଇଥିଲେ। ଏହି ପ୍ରକଳ୍ପ ଅନୁଯାୟୀ ୧୦୦୦ କୋଟି ଟଙ୍କା ବ୍ୟୟରେ ୩୭୨ଟି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ୧୪୦ କୋଟି ଟଙ୍କା ବ୍ୟୟରେ ୧୦୩ଟି ନୂତନ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ର୍ବମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡ଼ିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ୍ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଠକ୍ଷଷ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




# ଇନ୍ଦିରା ଏକାଦଶୀ ମହିମା



ଆଶ୍ୱିନ ମାସ କୃଷ୍ଣ ପକ୍ଷ ଏକାଦଶୀ ବା ଇନ୍ଦିରା ଏକାଦଶୀରେ ଶାଳଗ୍ରାମ ପୂଜା କରାଯାଇଥାଏ। ଶାଳଗ୍ରାମଙ୍କ ପୂଜା ତଥା ବ୍ରତ କରାଯିବାର ମଧ୍ୟ ବିଧି ରହିଛି। ଏହି ବ୍ରତ କରିବା ଦ୍ୱାରା ମନୁଷ୍ୟ ସମସ୍ତ ପ୍ରକାରର ପାପରୁ ମୁକ୍ତ ହୋଇଥାଏ ଏବଂ ବୈକୁଣ୍ଠ ଲୋକରେ ସ୍ଥାନ ପାଇଥାଏ ବୋଲି ବିଧି ରହିଛି। ଏପରିକି ଇନ୍ଦିରା ଏକାଦଶୀ ବ୍ରତ କରୁଥିବା ବ୍ୟକ୍ତିର ପୂଣ୍ୟବଳରେ ପିତୃପୁରୁଷ ମଧ୍ୟ ସ୍ୱର୍ଗ ଲାଭ କରିଥାନ୍ତି। ଏକାଦଶୀର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଦଶମୀ ଦିନ ନଦୀ କିମ୍ବା ପୁଷ୍କରିଣୀରେ ସ୍ନାନ କରି ଶ୍ରଦ୍ଧାପୂର୍ବକ ପିତୃପୁରୁଷଙ୍କୁ ପିଣ୍ଡଦାନ କରନ୍ତୁ ଏବଂ ଥରୁଟିଏ ଭୋଜନ ଗ୍ରହଣ କରନ୍ତୁ। ଏକାଦଶୀ ଦିନ ସମ୍ପୂର୍ଣ୍ଣ ନିରାହାର ରହଇ ବିଧିପୂର୍ବକ ଶାଳଗ୍ରାମ ପୂଜା କରିବା ଉଚିତ। ଏହି ଦିନ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ସହ ଭଗବାନ ହୃଷିକେଶଙ୍କୁ ମଧ୍ୟ ପୂଜା କରାଯିବାର ପରମ୍ପରା ରହିଛି। ସେହିପରି ଭଗବାନଙ୍କ ନିକଟରେ ରାତ୍ରି ଜାଗରଣ କରିବାର ମଧ୍ୟ ବିଧି ରହିଛି। ଦ୍ୱାଦଶୀ ଦିନ ବନ୍ଧୁ ଓ ସମ୍ପର୍କୀୟଙ୍କ ସହ ଭୋଜନ ଗ୍ରହଣ କରିବା ଉଚିତ। ଆଶ୍ୱିନ ମାସ କୃଷ୍ଣପକ୍ଷରେ ପାଳିତ ହେଉଥିବା ଏକାଦଶୀକୁ ଇନ୍ଦିରା ଏକାଦଶୀ କୁହାଯାଏ। ସତ୍ୟଯୁଗରେ ମହିଷମତିପୁରୀ ନାମକ ରାଜ୍ୟରେ ରାଜୁତି କରୁଥିଲେ ରାଜା ଇନ୍ଦ୍ରସେନ। ଇନ୍ଦ୍ରସେନଙ୍କ କିର୍ତ୍ତୀ ସର୍ବତ୍ର ରହିଥିଲା। ସେ ଭଗବାନ ବିଷ୍ଣୁଙ୍କ ପରମଭକ୍ତ ଥିଲେ। ନ୍ୟାୟବନ୍ତ ଥିବାରୁ ତାଙ୍କ ରାଜ୍ୟରେ ପ୍ରଜାମାନେ ଖୁସିରେ ରହୁଥିଲେ। ଥରେ ଇନ୍ଦ୍ରସେନଙ୍କ ଦରବାରକୁ ଦେବର୍ଷି ନାରଦ ଆସିଲେ। ରାଜା ନାରଦମୁନିଙ୍କୁ ଯଥା ସମ୍ମାନ ଜଣାଇ ଆସିବାର କାରଣ ଜାଣିବାକୁ ଚାହିଁଲେ। କିଛି ଦିନ ପୂର୍ବେ ଯମ ଲୋକକୁ ଯାଇଥିବା ସମୟରେ ସେଠାରେ ରାଜା ଇନ୍ଦ୍ରସେନଙ୍କ ପିତାଙ୍କୁ ଭେଟିଥିବା କଥା ନାରଦ ମୁନି କହିଲେ। ଧର୍ମାତ୍ମା ହୋଇଥିବା ସତ୍ତ୍ୱେ ରାଜାଙ୍କ ପିତା ଏକାଦଶୀ ବ୍ରତ ଭାଙ୍ଗିଥିବାରୁ ଯମଲୋକରେ ଯନ୍ତ୍ରଣା ଭୋଗୁଥିବା କଥା ଦେବର୍ଷି ନାରଦଙ୍କ ଠାରୁ ଶୁଣି ରାଜା ଇନ୍ଦ୍ରସେନ ଦୁଃଖିତ ହେଲେ। ଏଥିରୁ ମୁକ୍ତି ପାଇବା ଲାଗି ସେ ନାରଦଙ୍କ ଠାରୁ ପରାମର୍ଶ ମାଗିଲେ। ଏହାପରେ ଦେବର୍ଷି ନାରଦ ରାଜା ଇନ୍ଦ୍ରସେନଙ୍କୁ ଆଶ୍ୱିନ ମାସ କୃଷ୍ଣପକ୍ଷ ଏକାଦଶୀ ବ୍ରତ କରିବାକୁ କହିଥିଲେ। ଏହି ଏକାଦଶୀ ବ୍ରତ ବିଧିପୂର୍ବକ କରିବା ଦ୍ୱାରା ରାଜା ଇନ୍ଦ୍ରସେନଙ୍କ ପିତା ଯମଲୋକରୁ ମୁକ୍ତ ହୋଇ ସ୍ୱର୍ଗଲୋକରେ ପହଞ୍ଚିଥିଲେ। ମୃତ୍ୟୁ ପରେ ରାଜା ଇନ୍ଦ୍ରସେନଙ୍କୁ ବୈକୁଣ୍ଠ ଲୋକରେ ସ୍ଥାନ ମିଳିଥିଲା। ସେଥିପାଇଁ କୁହାଯାଏ ଯେ ଇନ୍ଦିରା ଏକାଦଶୀ ବ୍ରତ ଦ୍ୱାରା ପୂର୍ବ ଜନ୍ମର ସମସ୍ତ ପାପ କ୍ଷୟ ହେବା ସହ ଅଶ୍ୱମେଧ ଯଜ୍ଞ ସମାନ ପୁଣ୍ୟପ୍ରାପ୍ତି ହୋଇଥାଏ। ଏହି ବ୍ରତ କରୁଥିବା ବ୍ୟକ୍ତିର ପୂର୍ବପୁରୁଷ କୌଣସି ପାପର ଭାଗି ହୋଇ ମୃତ୍ୟୁଲୋକରେ କଷ୍ଟ ଭୋଗୁଥିଲେ ସେଥିରୁ ମୁକ୍ତ ହୋଇ ସ୍ୱର୍ଗ ପ୍ରାପ୍ତି କରିଥାନ୍ତି। ବ୍ରତ ନିମନ୍ତେ ଦଶମୀ ଦିନ ଏକ ସମୟ ଭୋଜନ ପୂର୍ବକ ଭଗବାନ ବିଷ୍ଣୁଙ୍କ ପୂଜା କରାଯାଇଥାଏ। ଏକାଦଶୀରେ ସମ୍ପୂର୍ଣ୍ଣ ନିରାହାର ଏବଂ ଅନିଦ୍ରା ରହି ଭଗବାନ ବିଷ୍ଣୁଙ୍କ ଆରାଧନା କରାଯିବା ଉଚିତ। ଦ୍ୱାଦଶୀରେ ବ୍ରାହ୍ମଣଙ୍କୁ ଭୋଜନ ଦେଇ ନିରବତା ପୂର୍ବକ ଭୋଜନ କରି ଏକାଦଶୀ ବ୍ରତ ଭାଙ୍ଗିବା ଉଚିତ।

## ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ପଦାଧିକାରୀଙ୍କ ସହ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ଆଲୋଚନା



ଭୁବନେଶ୍ୱର (ପିଏନ୍): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ସଭାପତି ଶ୍ରୀ ହୃଦାନନ୍ଦ ଦ୍ୱିବେଦୀ ଓ ମହାସଚିବ ଅମୀୟ କୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଭାଗୀୟ ପ୍ରମୁଖ ସଚିବ ଆଶ୍ୱସ୍ଥୀ ଏସ୍ ଏବଂ ବିଭାଗୀୟ ପଦାଧିକାରୀଙ୍କ ସହିତ ପ୍ରାଥମିକ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସମ୍ବନ୍ଧରେ ଥିବା ସମସ୍ୟା ଓ ତାର ସମାଧାନ ପାଇଁ ଆଲୋଚନା କରିଥିଲେ। ଆଗାମୀ ଦିନରେ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟତୀତ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକୁ ବନ୍ଦ କରାଯିବା ନିମନ୍ତେ ସଂଗଠନ ଦୃଢ଼ ଦାବି କରିଥିଲା। ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ୫-୬ ଅଧୀନକୁ ନିଆଯାଇ ବିଦ୍ୟାଳୟ ଶ୍ରେଣୀଗୃହ ମରାମତି ଓ ଅତିରିକ୍ତ ଶ୍ରେଣୀଗୃହ (ଆବଶ୍ୟକତା ଅନୁଯାୟୀ) କରାଯିବା ପାଇଁ ଆଲୋଚନା କରାଯାଇଥିଲା। ରାଜ୍ୟରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ବର୍ଗୀକରଣକୁ ବନ୍ଦ କରାଯିବା, ଖାଲିଥିବା ପଦଗୁଡ଼ିକୁ ପୂରଣ କରିବା ପାଇଁ ପଦୋନ୍ନତିରେ ରିହାତି ଦେବା, ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକ ଅବଧିକୁ ବିନା ଅର୍ଥରେ ଚାକିରିରେ ଗଣନା କରିବା, ଚୁକ୍ତିଭିତ୍ତିକ ପଦବୀ ଉଚ୍ଛେଦ କରିବା, ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଉଚ୍ଚ ଯୋଗ୍ୟତାଧାରୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶତକଡ଼ା ୫୦ ଭାଗ ଉଚ୍ଚ ବିଦ୍ୟାଳୟମାନଙ୍କରେ ଅବସ୍ଥାପିତ କରିବା, ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶାନୁଯାୟୀ ଆର୍.ଏ.ସି.ପି. ପ୍ରାପ୍ୟରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ କରିବା, କ୍ୟାଡର ରୁଲରେ ଥିବା ତୃତୀୟ ବର୍ଗ, ଦ୍ୱିତୀୟ ବର୍ଗ ଓ ପ୍ରଥମ ବର୍ଗରେ ଥିବା ତାରତମ୍ୟ ଦୂର କରିବା। ରାଜ୍ୟରେ ଥିବା ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାୟୀ ରୂପେ କଳା ଶିକ୍ଷକ, ଖେଳ ଶିକ୍ଷକ ନିଯୁକ୍ତି କରିବା, ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ପୂର୍ବଭଳି ଚାଲୁ ରଖିବା, ଏନ୍.ପି.ଏସ୍. ଶିକ୍ଷକମାନଙ୍କ ଗ୍ରାଚ୍ୟୁଇଟି ପ୍ରଦାନ କରିବା, ଏତଦ୍ ବ୍ୟତୀତ ସର୍ବୋପରି ନୂତନ ପେନସନ୍ ହଟାଇ ପୁରୁଣା ପେନ୍‌ସନ୍ ଲାଗୁ କରିବା ଏବଂ କେନ୍ଦ୍ରୀୟ ଶିକ୍ଷାନୀତି ଅ ନୁଯାୟୀ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅବିକଳ କେନ୍ଦ୍ରୀୟ ଦରମା ପ୍ରଦାନ କରିବା, ବାଲେଶ୍ୱର ଏବଂ ମୟୂରଭଞ୍ଜ ଭଳି ଅନ୍ୟ ଜିଲ୍ଲାରେ ଥିବା ପଦୋନ୍ନତି ସମସ୍ୟାକୁ ଦୂର କରିବା ପାଇଁ ଆଜିର ଆଲୋଚନାରେ ଫେଡେରେସନ୍ ଦୃଢ଼ ଦାବି କରିଥିଲା। ଆଗାମୀ ଦିନରେ ମୁଖ୍ୟ ଦାବି ଦ୍ୱୟ ଯଥା - ପୁରୁଣା ପେନ୍‌ସନ୍ ଓ ଅବିକଳ କେନ୍ଦ୍ରୀୟ ବେତନ ଯଦି ପୂରଣ ନ ହୁଏ ତେବେ ରାଜ୍ୟରେ ଦେଢ଼ଲକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘୀୟ କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ସକାରାତ୍ମକ ଭାବେ ଉକ୍ତ ଆଲୋଚନା ହୋଇଥିବାରୁ ମାନ୍ୟବର ମନ୍ତ୍ରୀ ମହୋଦୟ, ବିଭାଗୀୟ ମୁଖ୍ୟ ସଚିବ ତଥା ବିଭାଗୀୟ ଅଧିକାରୀବୃନ୍ଦ ଦୀର୍ଘ ସମୟ ଧରି ଶିକ୍ଷକମାନଙ୍କ ସମସ୍ୟା ପ୍ରତି ସମାଧାନ ଦିଗରେ ଯତ୍ନବାନ୍ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବୋଲି ରାଜ୍ୟ ସଭାପତି ହୃଦାନନ୍ଦ ଦ୍ୱିବେଦୀ, ମହାସଚିବ ଅମୀୟ କୁମାର ଦାଶ, ସଂଯୋଜିକା ଚାରୁଲତା ମହାପାତ୍ର, ଉପସଭାପତି ବିଜୟ ମହାନ୍ତି, ସୁଚିତ୍ରା ଦାସ, ସୁରେନ୍ଦ୍ର କୁଲଦୀପ, ରମାକାନ୍ତ ମହାନ୍ତି, ସୁନୀତା ବେହେରା, ଏସ୍.କେ. ଖଲିକ୍ ପ୍ରଭୃତି ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନର ତାତ୍ପର୍ଯ୍ୟ




ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ତୃତୀୟ ମଙ୍ଗଳବାରରେ ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନ ହେବ ବୋଲି, ଜାତିସଂଘର ସାଧାରଣ ପରିଷଦ ୧୯୮୧ ମସିହାରେ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏହିଦିନ ଜାତିସଂଘ ସାଧାରଣ ପରିଷଦର ବାର୍ଷିକ ଅଧିବେଶନ ଆରମ୍ଭ ହେଉଥିବାରୁ,ଏହି ଦିବସଟିକୁ ଶାନ୍ତି ଦିବସ ରୂପେ ପାଳନ କରିବାକୁ ନିଷ୍ପତି ନିଆଯାଇଥିଲା। ସମଗ୍ର ପୃଥିବୀରେ, ପରସ୍ପର ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରି ଏହାକୁ ଦୃଢୀଭୂତ କରିବା ନିମନ୍ତେ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଏକମାତ୍ର ମୁଖ୍ୟ ଲକ୍ଷ୍ୟ। ଏହାର ଠିକ୍ ଦୁଇ ଦଶନ୍ଧି ପରେ, ୨୦୦୧ମସିହାରେ, ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୧ ତାରିଖରେ ଏହି ଦିବସ ପାଳିତ ହେବ ବୋଲି, ଜାତିସଂଘର ସାଧାରଣ ପରିଷଦ, ଏକ ସଂଶୋଧନ ପ୍ରସ୍ତାବ ଗୃହୀତ କରାଇଥିଲେ। ୨୦୦୨ ମସିହାଠାରୁ ଅଦ୍ୟାବଧି, ଏହି ଦିବସ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୧ ତାରିଖରେ ପାଳିତ ହୋଇ ଆସୁଅଛି। ଇତିହାସ ଅଧ୍ୟୟନରୁ ଜଣାଯାଏ ଯେ, ପୂର୍ବକାଳ ଅପେକ୍ଷା, ବର୍ତମାନ ଯୁଗରେ ଶାନ୍ତିର ବାତାବରଣ କ୍ରମେ ହ୍ରାସ ପାଉଅଛି। ଅନେକ ରାଷ୍ଟ୍ରମୁଖ୍ୟମାନଙ୍କର, ସାମ୍ରାଜ୍ୟବାଦ ଓ ବିସ୍ତାରବାଦ ନୀତି ତଥା ନିଜକୁ ବିଶ୍ୱର ଶ୍ରେଷ୍ଠ ଶକ୍ତି ରୂପେ ପ୍ରତିପାଦିତ କରିବାର ଆକାଂକ୍ଷା, ବେଳେ ବେଳେ ପୃଥିବୀରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରି ମାନବ ସମାଜକୁ ଭୟାବହ ବିପଦ ଭିତରକୁ ଟାଣି ନେଇ, ଅଶାନ୍ତିର ଦାବାଗ୍ନି ପ୍ରଜ୍ୱଳିତ କରାଇ ଦେଉଛି। ବ୍ୟକ୍ତିଗତ ସ୍ତରରେ ମଧ୍ୟ, କିଛି ଲୋକଙ୍କର ସ୍ୱାର୍ଥପରତା, ଲୋଭ, ଦୁର୍ବଳକୁ ଉତ୍ପୀଡନ କରିବାର ଜାନ୍ତବ ଅଭିଳାଷ, ସମାଜରେ ବହୁ ପରିମାଣରେ ଅଶାନ୍ତି ସୃଷ୍ଟି କରୁଅଛି। ବିଶ୍ୱ ଶାନ୍ତି ଦିବସରେ, ଜନମାନସରେ କେବଳ ଶାନ୍ତି ବଜାୟ ରଖିବା ବା ପ୍ରୋତ୍ସାହିତ କରିବା କାର୍ଯ୍ୟ ବ୍ୟତୀତ, ଗୋଷ୍ଠୀଗତ ଓ ରାଷ୍ଟ୍ରଗତ ବିବାଦକୁ ସମାଧାନ କରି, ପ୍ରତ୍ୟକ୍ଷ ଯୁଦ୍ଧରୁ ନିବୃତ କରାଇ ଅହିଂସାର ପ୍ରତିଷ୍ଠା ଦିଗରେ ଶତ ପ୍ରତିଶତ ପ୍ରଚେଷ୍ଟା ଜାରି କରା ଯାଉଅଛି। ଜାତିସଂଘ ପ୍ରତିଷ୍ଠା ହେବା ପରଠାରୁ, କେହି କାହା ବିରୁଦ୍ଧରେ ବଳ ପ୍ରୟୋଗ କରିବା ବା ଅନ୍ୟ ରାଷ୍ଟ୍ରର ସ୍ୱାଧୀନତା, ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ କରିବା କାର୍ଯ୍ୟକୁ, ସର୍ବଦା ନିରୁତ୍ସାହିତ କରି ଆସିଅଛି। କିନ୍ତୁ ବର୍ତମାନ କେତେକ ପ୍ରଭାବଶାଳୀ ସଭ୍ୟ ରାଷ୍ଟ୍ରଙ୍କ ସ୍ୱାର୍ଥପରତା ଓ ଜିଦ୍‌ଖୋର ମନୋବୃତି ଯୋଗୁଁ, ଜାତିସଂଘ ଶାନ୍ତି ବ୍ୟାହତ କରୁଥିବା ରାଷ୍ଟ୍ର ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅସହାୟ ବୋଧ କରୁଅଛି। ତେଣୁ ଆଜି ଏ ଅଶାନ୍ତ ପୃଥିବୀରେ, ସାଧାରଣ ଲୋକଙ୍କର, ଶାନ୍ତି ପ୍ରତିଷ୍ଠାକାରୀ ଓ ଶାନ୍ତି ରକ୍ଷାକାରୀଙ୍କ ଉପରେ ପ୍ରକଟ କରିଥିବା ଦୃଢ ଆସ୍ଥା କ୍ରମେ କ୍ରମେ ହ୍ରାସ ପାଉଛି। ପୃଥିବୀର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଅନେକ ସମସ୍ୟା ଅଶାନ୍ତିର ମୂଳ କାରଣ। ଅର୍ଥନୈତିକ ଅସମାନତା ଅଶାନ୍ତି ସୃଷ୍ଟିର ଅନ୍ୟତମ କାରଣ। ଯଦି ଜଣେ ଲୋକ ତାର ମୌଳିକ ଆବଶ୍ୟକତା ଖାଦ୍ୟ ବସ୍ତ୍ର ବାସଗୃହ ତଥା ଏକ ସୁସ୍ଥ ନିରାମୟ ଜୀବନ ଯାପନ ପାଇଁ ଅସୁବିଧାର ସମ୍ମୁଖୀନ ହୁଏ, ତେବେ ସେ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିଙ୍କ ବିରୁଦ୍ଧରେ ଈର୍ଷାପରାୟଣ ହେବା ଏବଂ ଅସହିଷ୍ଣୁତା ପ୍ରଦର୍ଶନ କରିବା ଏକ ସ୍ୱାଭାବିକତା। ବେଳେ ବେଳେ କିଛି ବ୍ୟକ୍ତି ବା ରାଷ୍ଟ୍ରମୁଖ୍ୟ ଅଧିକ ଅର୍ଥ ଓ କ୍ଷମତାର ଅଧିକାରୀ ହୋଇଗଲେ, ସେମାନଙ୍କ ଆଚରଣରେ ସ୍ୱେଚ୍ଛାଚାରିତା ଏବଂ କ୍ରୁରତା ଲକ୍ଷ୍ୟ କରାଯାଏ ଓ ସେମାନେ ଅନେକ ସମୟରେ ବିଭିନ୍ନ ଅଶାନ୍ତି ସୃଷ୍ଟିର କାରଣ ହୋଇଯାଆନ୍ତି। ପୃଥିବୀର ସମସ୍ତ ଅଂଚଳର ଲୋକ-ମାନଙ୍କର ଶାରୀରିକ ଗଠନ, ଖାଦ୍ୟ, ବସ୍ତ୍ର, ବାସଗୃହ, ଧର୍ମ, ସାମାଜିକ ପରମ୍ପରା, ଭାଷା, ଭୌଗୋଳିକ ସ୍ଥିତି ଭିନ୍ନ ଭିନ୍ନ ହୋଇଥିଲେହେଁ, ଶାନ୍ତି ପ୍ରାପ୍ତି ସମସ୍ତଙ୍କର ଏକାନ୍ତ କାମ୍ୟ। ୧୯୮୪ରେ ବିଶ୍ୱବ୍ୟାପୀ ଏକ ଶାନ୍ତିର ତରଙ୍ଗ ସୃଷ୍ଟି କରିବା ନିମନ୍ତେ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ବ୍ୟକ୍ତିବିଶେଷ, ସଂପ୍ରଦାୟ, ଅନୁଷ୍ଠାନ ଏବଂ ରାଷ୍ଟ୍ରମାନଙ୍କୁ ନେଇ ଏକ (ନୀରବ ମୁହୁର୍ତ)ର ଆହ୍ୱାନ ଦେଇଥିଲେ। ଦାରିଦ୍ର୍ୟତାର ବିଲୋପ ସାଧନ, ସମସ୍ତଙ୍କ ପାଇଁ ଖାଦ୍ୟ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ତଥା ନ୍ୟାୟ ପ୍ରଦାନରେ ସମାନତା, ଏ ସମାଜରୁ ଅନେକାଂଶରେ ହିଂସା ହ୍ରାସ କରି ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟ ହେବ। ଆଜିର ଦିବସ ଆମ ସମସ୍ତଙ୍କ ପାଇଁ ଏକ ବଡ ଆହ୍ୱାନ। ଏ ସମାଜରେ ବିଭୀଷିକାମୟ ନରସଂହାର, ଅସୂୟା ଭାବ, ହିଂସା, ଦ୍ୱେଷ, ପରଶ୍ରୀକାତରତା, ଅହଂକାର, ଗର୍ବ, ସ୍ୱାର୍ଥପରତା ଭିତରେ ଅଶାନ୍ତିରେ କାଳାତିପାତ କରିବା ନା ସ୍ନେହ, ପ୍ରେମ, ଭ୍ରାତୃତ୍ୱଭାବ, ସହନଶୀଳତା, ନିଃସ୍ୱାର୍ଥପରତା ଓ ସଦିଚ୍ଛାକୁ ପାଥେୟ କରି ଶାନ୍ତିରେ ଜୀବନଯାପନ କରିବା? ଈଶ୍ୱରଙ୍କ ସୃଷ୍ଟିରେ ମାନବ ଏକ ସର୍ବଶ୍ରେଷ୍ଠ ସୃଷ୍ଟି ଏବଂ ତା'ର ମନ ଏକ ଅଦ୍ଭୁତ ଉପାଦାନରେ ଗଠିତ। ଆସୁରିକ ଗୁଣ ଓ ସ୍ୱର୍ଗୀୟ ଗୁଣ ମଧ୍ୟ ଜନ୍ମଗତ ପ୍ରାପ୍ତ। କିନ୍ତୁ ପରିବେଶ ଓ ପରିସ୍ଥିତିର ଚାପରେ ତା'ର ଗୁଣ ମଧ୍ୟ ଅନେକାଂଶରେ ପରିବର୍ତିତ ହୋଇଥାଏ। ଗଣତାନ୍ତ୍ରିକ ପଦ୍ଧତିରେ, ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ, ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକ ଉତମ ମାର୍ଗ। ଶାନ୍ତି ପ୍ରତିଷ୍ଠା ନିମନ୍ତେ ସର୍ବୋତ୍କୃଷ୍ଟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ୧୯୦୧ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ୨୦୦୮ ମସିହାରେ ଆଇସଲ୍ୟାଣ୍ଡକୁ ସର୍ବଶ୍ରେଷ୍ଠ ଶାନ୍ତିକାମୀ ରାଷ୍ଟ୍ର ରୂପେ ଘୋଷଣା କରାଯାଇଥିଲା ଏବଂ ଅଦ୍ୟାବଧି ତାହା ବଜାୟ ରହିଅଛି। ଆଜି ବିଶ୍ୱରେ ଆତଙ୍କବାଦ ଏକ କରାଳ ରୂପରେ ଉଭାସିତ। ହିଂସା କେବେବି ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟକ ହୋଇପାରିବ ନାହିଁ। ଆଜି ଆଫଗାନିସ୍ଥାନ, ୟୁକ୍ରେନର ବିଭୀଷିକାମୟ ରକ୍ତରଂଜିତ ଅଧ୍ୟାୟ ଏବଂ ସେଠାକାର ଅଧିବାସୀମାନଙ୍କର ଜୀବନ ଓ ଅଧିକାର ଭିକ୍ଷା ନିମନ୍ତେ କରୁଣ ଆର୍ତଚିତ୍କାର, ଯେକୌଣସି କଠୋର ବ୍ୟକ୍ତିର ହୃଦୟକୁ ଦୋହଲାଇ ଦେବ, ଏଥିରେ ସନ୍ଦେହ ନାହିଁ। ତେଣୁ ଆଜି ସମସ୍ତେ ଶପଥ ନେବା, ନିଜର ସ୍ୱର୍ଗୀୟ ମାନବିକତା ଗୁଣର ପ୍ରୟୋଗରେ,ଏ ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ତଥା ହିଂସ୍ରତା ଆଚରଣ କରୁଥିବା ବ୍ୟକ୍ତିବିଶେଷ ତଥା ରାଷ୍ଟ୍ରମୁଖ୍ୟମାନଙ୍କ ଉପରେ ନୈତିକ ଚାପ ପକାଇ ଏତାଦୃଶ କାର୍ଯ୍ୟରୁ ନିବୃତ କରାଇ, ଆଜି "ବିଶ୍ୱ ଶାନ୍ତି ଦିବସ"ର ସାର୍ଥକତା ପ୍ରତିପାଦନ କରିବା।

## ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ୨୪ରେ ଯୁବ ଉତ୍ସବ

ଭୁବନେଶ୍ୱର (ପିଏନ୍): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ର, ଖୋର୍ଦ୍ଧା ପକ୍ଷରୁ ସେପ୍ଟେମ୍ବର ୨୪ ତାରିଖରେ ପାଳନ ହେବାକୁ ଯାଉଛି ଯୁବ ଉତ୍ସବ କାର୍ଯ୍ୟକ୍ରମ। ସୂଚନାଯୋଗ୍ୟ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଦେଶର ପ୍ରତି ରାଜ୍ୟରେ ରହିଥିବା ପ୍ରତିଟି ଜିଲ୍ଲାରେ ଏହି ଯୁବ ଉତ୍ସବ କାର୍ଯ୍ୟକ୍ରମ ପାଳନ କରାଯିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ପାଇଁ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ଇଞ୍ଜିନିୟରିଂ କଲେଜ ନିସ୍ ପରିସରରେ ଏହା ପାଳନ ହେବା ଲାଗି ସ୍ଥିରୀକୃତ କରାଯାଇଛି। ଏହି ଉତ୍ସବରେ କେବଳ ଖୋର୍ଦ୍ଧା ଜିଲ୍ଲାର ଯୁବକ ଯୁବତୀ, ଯୁବ ଅନୁଷ୍ଠାନ, କ୍ଲବ, ବିଦ୍ୟାଳୟ, ମହାବିଦ୍ୟାଳୟର ଇତ୍ୟାଦିର ଛାତ୍ରଛାତ୍ରୀମାନେ ଏଥିରେ ଭାଗ ନେଇପାରିବେ। ସେମାନଙ୍କ ମଧ୍ୟରେ ରହିଥିବା ବିଭିନ୍ନ ପ୍ରତିଭା ଓ ସୃଜନଶୀଳତାର ବିକାଶ ଲାଗି ଭିନ୍ନ ଭିନ୍ନ ପ୍ରତିଯୋଗିତା ଯଥା ତର୍କ, ଚିତ୍ରକଳା, କବିତା ପାଠ, ଫଟୋଗ୍ରାଫି, ଓଡ଼ିଶୀ ନୃତ୍ୟ, ଯୁବ ସମ୍ବାଦ ଇତ୍ୟାଦି ପ୍ରତିଯୋଗିତାମାନ ଆୟୋଜନ କରାଯାଇଛି। କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସବରେ ଓଡ଼ିଶାର ମାନ୍ୟଗଣ୍ୟ ଓ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ମାନିତ କରାଯିବ। ଉକ୍ତ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଚ୍ଛୁକ ଯୁବକ ଯୁବତୀ ରହୁଁଥିଲେ ସେମାନେ ଭୁବନେଶ୍ୱର ନୟାପଲ୍ଲୀ ୭୧ ଭିଆଇପିସ୍ଥିତ ନେହେରୁ ଯୁବକେନ୍ଦ୍ର ସହ ସିଧାଳସଳଖ ଯୋଗାଯୋଗ କରିବା ଲାଗି କେନ୍ଦ୍ରର ଯୁବ ଅଧିକାରୀ ବିପିନ୍ କୁମାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

## ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘର ନବନିଯୁକ୍ତ ଓୟୁଏଟିର କୁଳପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ



ଭୁବନେଶ୍ୱର (ପିଏନ୍)-ରାଜ୍ୟର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ ତରଫରୁ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ନବନିଯୁକ୍ତ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରାଯାଇଛି। ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଓ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକଙ୍କୁ ନେଇ ଏକ ପ୍ରତିନିଧି ଦଳ ଶ୍ରୀଯୁକ୍ତ ରାଉଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଉ ରୀୟ, ପୁଷ୍ପଗୁଚ୍ଛ ଓ ସଂଘର ସ୍ମରଣିକା ପ୍ରଦାନ ସହିତ ସମ୍ବର୍ଦ୍ଧିତ କରି ତାଙ୍କର ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜ୍ଞାପନ କରିବା ସହ ଏକ ସୁନ୍ଦର ତଥା ଗଠନ ମୂଳକ କାର୍ଯ୍ୟଅବଧି କାମନା କରିଥିଲେ। ଏହି ଅବସରରେ ସଂଘର ଦୀର୍ଘ ୨୮ ବର୍ଷର ଯାତ୍ରାର ସଂକ୍ଷିପ୍ତ ବିବରଣୀ, ସାଂସ୍କୃତିକ ଓ ସମାଜିକ କାର୍ଯ୍ୟକ୍ରମ ବାବଦରେ ଶ୍ରୀ ରାଉଳଙ୍କୁ ଅବଗତ କରାଯିବା ସହ କୃଷି ଉପରେ ଅଧିକ ଗବେଷଣା, ଛାତ୍ର ଛାତ୍ରୀମାନଙ୍କୁ କୃଷି ଭି କ ଶିକ୍ଷା ପାଇଁ ଅଧିକ ଆକର୍ଷିତ କରିବା ତଥା କୃଷି ଏବଂ ଚାଷ ଉପରେ ଯେମିତି କୃଷକବନ୍ଧୁ ମାନେ ଅଧିକ ଧ୍ୟାନ ଦେଇପାରିବେ ସେହି ଉପରେ କାର୍ଯ୍ୟ କରିବା ପାଇଁ ଅନୁରୋଧ କରାଯାଇଥିଲା। ରାଜ୍ୟରେ ବୈଷୟିକ କାର୍ଯ୍ୟଧାରା ସହ କୃଷିର ଉନ୍ନତିରେ ଏକ ଅତୁଳନୀୟ ଅବଦାନ ଦେଇଆସୁଥିବା ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟର ଭୂମିକାକୁ ଏହି ଅବସରରେ ଉଚ୍ଚ ପ୍ରଶଂସିତ କରାଯିବା ସହ ଏହାର ଉ ର ୋ ର ଉନ୍ନତି କାମନା କରାଯାଇଥିଲା। ସମ୍ବର୍ଦ୍ଧନା ତଥା ସୌଜନ୍ୟମୂଳକ ସାକ୍ଷାତ ଉ ରରେ ଶ୍ରୀ ରାଉଳ ସଂଘର କାର୍ଯ୍ୟକ୍ରମ ତଥା ଏହି ବିଚାରଧାରାକୁ ଉଚ୍ଚ ପ୍ରସଂଶା କରିବା ସହ ସଂଘର ଆହୁରି ଅଧିକ ସଫଳତା କାମନା କରି ଆଲୋଚ୍ୟ ବିଷୟବସ୍ତୁ ଉପରେ ନିଶ୍ଚିତ ରୂପେ ଧ୍ୟାନ ଦିଆଯିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସଂଘ ତରଫରୁ ଆବଶ୍ୟକ ସ୍ଥଳେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରାଯିବାର ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ବିଶ୍ୱବିଦ୍ୟାଳୟ ତରଫରୁ ମଧ୍ୟ ସଂଘର ସହଯୋଗ କାମନା କରାଯାଇଥିଲା। ସଂଘର ଏହି ଆଭିମୁଖ୍ୟକୁ ଅ ଳର ବୁଦ୍ଧିଜୀବି ମହଲରେ ସ୍ୱାଗତ କରାଯାଇଛି।


# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajyan Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଦୂର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ

କେନ୍ଦ୍ରାପଡ଼ା,(ପି.ଏନ): ରାଜ୍ୟ ବାଣିଜ୍ୟ ଓ ପରିବହନ ସଚିବଙ୍କ ପତ୍ର ସଂଖ୍ୟା ୧୩୫୩୭ ତା ୨୨/୧୧ / ୨୦୨୩ରିଖ ଅନୁଯାୟୀ ସମଗ୍ର ରାଜ୍ୟ ତଥା ଆମ ଜିଲ୍ଲା କେନ୍ଦ୍ରାପଡ଼ାରେ ଡିସେମ୍ବର ୧ ରୁ ୭ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଦୁର୍ଘଟଣାଜନିତ 'ଶୂନ୍ୟମୃତ୍ୟୁ ସପ୍ତାହ ପାଳନ' କରାଯିବ। ଏହି ଅବସରରେ ଜିଲ୍ଲାର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀଙ୍କୁ ଜିଲ୍ଲା ପ୍ରଶାସନ ତଥା ପରିବହନ ବିଭାଗ ପକ୍ଷରୁ ଗାଡ଼ି ଚାଳନା ସମୟରେ ସଡ଼କ ସୁରକ୍ଷା ନିମନ୍ତେ ବ୍ୟବସ୍ଥିତ ନିୟମର ନିଶ୍ଚିତ ପାଳନ ପାଇଁ ନିବେଦନ କରାଯାଇଛି। ସର୍ବେକ୍ଷଣରୁ ଜଣାଯାଇଛି ଯେ, ସମଗ୍ର ଦେଶରେ ବାର୍ଷିକ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ୧.୫୦ ଲକ୍ଷ ଥିବା ବେଳେ ଆମ ରାଜ୍ୟରେ ଏହାର ସଂଖ୍ୟା ୫ ହଜାର ରହିଛି। ଏହି ମୃତ୍ୟୁ ସଂଖ୍ୟା ହାରକୁ କମାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ବିଭାଗର ସହଯୋଗକ୍ରମେ ବିଭିନ୍ନ ପ୍ରୟାସ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ଡିସେମ୍ବର ୧ ରୁ ୭ ତାରିଖ ପର୍ଯ୍ୟନ୍ତ 'ଶୂନ୍ୟ ମୃତ୍ୟୁ ସପ୍ତାହ' ପାଳନ ଅବସରରେ ବିଭିନ୍ନ ବିଭାଗର ସହଯୋଗ ଓ ଜନସାଧାରଣଙ୍କ ସଚେତନତା ଯୋଗୁଁ ମୃତ୍ୟୁହାର ୪୦ ପ୍ରତିଶତରୁ ୨୮.୬ ପ୍ରତିଶତକୁ ହ୍ରାସ କରିବାରେ ରାଜ୍ୟ ସରକାର ସଫଳ ହୋଇଛନ୍ତି। ଏଣୁ ଜନସାଧାରଣ, ଗାଡ଼ିଚାଳକ, ଗାଡ଼ିମାଲିକମାନଙ୍କୁ ଗାଡ଼ି ଚାଳନା ସମୟରେ ସଡ଼କ ସୁରକ୍ଷା ନିୟମର କଡ଼ାକଡ଼ି ପାଳନ ପୂର୍ବକ ୨ ଚକିଆ ଯାନ ଚଳାଇବା ବେଳେ ଯାନରେ ୨ ଜଣରୁ ଅଧିକ ନବସାଇବା ସହ ଚାଳକ ଓ ଆରୋହୀ ହେଲମେଟ୍ ପରିଧାନ କରିବା, ବିନା ଡ୍ରାଇଭିଙ୍ଗ୍ ଲାଇସେନ୍ସରେ ଗାଡ଼ି ଚଳାଇବା, ମଦ୍ୟପାନ ବା ନିଶାସକ୍ତ ଅବସ୍ଥାରେ ଗାଡ଼ି ନଚଳାଇବା ପାଇଁ ଅନୁରୋଧ କରାଯାଇଛି। ଡ୍ରାଇଭିଙ୍ଗ୍ ଲାଇସେନ୍ସ ବିନା ଗାଡ଼ି ଚଳାଇବା ଓ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ପାଇଁ ଯଥାକ୍ରମେ ୫ହଜାର ଓ ୧୦ହଜାର ଟଙ୍କା ଜୋରିମାନାର ବ୍ୟବସ୍ଥା ରହିଛି। ପୁନଶ୍ଚ ଗାଡ଼ି ଚାଳନା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନକରିବା, ମାଲ୍‌ବାହି ଗାଡ଼ିରେ ଯାତ୍ରୀ ପରିବହନ ନକରିବା, ଧାର୍ଯ୍ୟ ଓଜନଠାରୁ ଅଧିକ ମାଲ୍ ପରିବହନ ନକରିବା, ଭାରି ଓ ହାଲୁକାଯାନ ଚଳାଇବା ବେଳେ ସିଲ୍‌ଟ ବେଲ୍ଟ ବ୍ୟବହାରକୁ ସୁନିଶ୍ଚିତ କରିବା ସହ ଧାର୍ଯ୍ୟ ବେଗଠାରୁ ଅଧିକ ବେଗରେ ଗାଡ଼ି ନଚଳାଇବା, ନିଷିଦ୍ଧ ସ୍ଥାନରେ ଗାଡ଼ି ପାର୍କିଂ କରିବା ନିୟମ ପାଳନ କରିବାକୁ ତାଗିଦ୍ କରାଯାଇଛି। ସମସ୍ତ ଅଭିଭାବକମାନଙ୍କୁ ନିବେଦନ କରାଯାଉଛି ଯେ, ୧୮ବର୍ଷରୁ କମ୍ ବୟସ୍କ ପୁଅ ଓ ଝିଅ ମାନଙ୍କୁ ସ୍କୁଲ୍ କଲେଜ୍ ଯିବା ସମୟରେ ଗାଡ଼ି ଚଲାଇବାକୁ ଅନୁମତି ଦିଅନ୍ତୁ ନାହିଁ। ନଚେତ୍ ଜୁଭେନାଇଲ୍ ନିୟମାନୁଯାୟୀ ୨୫ ହଜାର ଟଙ୍କା ଜୋରିମାନା ଓ ଗାଡ଼ି ଅଟକ ରଖିବା ସଙ୍ଗେ ଅଭିଭାବକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉପରୋକ୍ତ ସମସ୍ତ ନିୟମକୁ କଡ଼ାକଡ଼ିଭାବେ ପାଳନ କରି ଅମୂଲ୍ୟ ଜୀବନ ରକ୍ଷା କରନ୍ତୁ ଓ 'ଶୂନ୍ୟମୃତ୍ୟୁ ସପ୍ତାହ ପାଳନ' ସମୟରେ ମୃତ୍ୟୁ ସଂଖ୍ୟା ଶୂନ୍ୟ କରିବାକୁ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି।

## ମଙ୍ଗଳା ମହାବିଦ୍ୟାଳୟର କନିଷ୍ଠ କିରାଣୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

କାକଟପୁର,(ପି.ଏନ): ମଙ୍ଗଳା ମହାବିଦ୍ୟାଳୟର କନିଷ୍ଠ କିରାଣୀ ପବିତ୍ର ଦୀକ୍ଷିତଙ୍କ ଆଜି ମଙ୍ଗଳା ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି କ୍ଷ ଅବସର ପରେ ମଙ୍ଗଳା ମହାବିଦ୍ୟାଳୟର ଅଧକ୍ଷ ଓ ସମସ୍ତ କର୍ମଚାରୀ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ କ୍ଷ ଶ୍ରୀଯୁକ୍ତ ଦୀକ୍ଷିତ ତାଙ୍କ ଚାକିରୀ କାଳ ମଧ୍ୟରେ ଅନେକ ଝଡଝଞ୍ଜା ସହିବା ସହିତ କେବଳ ପରିଚାଳନା କମିଟି ମାଧ୍ୟମରେ ସ୍ୱଳ୍ପ ଦରମା ପାଇ ଚଳି ଆସୁଥିଲେ କ୍ଷ ତାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ଅଧକ୍ଷଙ୍କ ସମେତ ସମସ୍ତ କର୍ମଚାରୀ ମାନେ ପବିତ୍ରଙ୍କ କାର୍ଯ୍ୟକଳାପ, ମିଷ୍ଟଭାଷା, ପରକୁ ଆପଣାର କରିବାର ବ୍ୟବହାର ଓ କାର୍ଯ୍ୟରେ ନିପୁଣତା ତାଙ୍କ ଚାକିରୀ ଜୀବନକୁ କିଭଳି ରଶାଣିତ କରିଥିଲା ତାହା ବଖାଣିଥିଲେ କ୍ଷ ଅପରପକ୍ଷରେ ଶ୍ରୀ ଦୀକ୍ଷିତ ଚାକିରିରେ ଥାଇ ମଧ ଛାତ୍ରଛାତ୍ରୀ ମାନଙ୍କୁ ଘରୋଇ ଭାବେ ଶିକ୍ଷାଦାନ କରି ମେଧାବୀ କରିବାରେ ବେଶ ପାରଙ୍ଗମ ଥିଲେ କ୍ଷ ଶ୍ରୀ ଦୀକ୍ଷିତ କାକଟପୁର ମଙ୍ଗଳା ମନ୍ଦିର ସେବାୟତ ନିଯୋଗର ଦୀର୍ଘ ୯ ବର୍ଷ କାଳ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଅଞ୍ଚଳରେ ବେଶ ପରିଚିତ ହୋଇପାରିଛନ୍ତି କ୍ଷ ସର୍ବଶେଷରେ ସ୍ଥାନୀୟ ସ୍ୱମେଶ୍ୱର ମନ୍ଦିରରେ କଲେଜର କର୍ମଚାରୀ ଏବଂ ସେବକ ସମିତି ର ସମସ୍ତ ସେବାୟତଙ୍କୁ ପ୍ରସାଦ ସେବନ କରାଇ ଆପ୍ୟାୟିତ କରିଥିଲେ ।

# ଆଗାମୀ ୧ ରୁ ୧୪ ପର୍ଯ୍ୟନ୍ତ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ପାଇଁ ଜିଲ୍ଲା ସମନ୍ୱୟ କମିଟିର ବୈଠକ



ବାରିପଦା,(ପି.ଏନ): ଆଗାମୀ ୧ ତାରିଖ ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା ସ୍ତରୀୟ କୁଷ୍ଠ ରୋଗ ଚିହ୍ନଟ ଅଭିଯାନର କାର୍ଯ୍ୟକାରିତା ପାଇଁ ଜିଲ୍ଲା ସମନ୍ୱୟ କମିଟିର ବୈଠକ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟକାରିଣୀ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଜିଲ୍ଲପାଳ ଶ୍ରୀ ବିନୀତ ଭରଦ୍ୱାଜ (ଭା. ପ୍ର.ସେ.) ଅଧକ୍ଷତା କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡଃ ରୂପଭାନୁ ମିଶ୍ର ଏହି ବୈଠକରେ ଉପସ୍ଥିତ ଜିଲ୍ଲା ସମନ୍ୱୟ କମିଟିର ସମସ୍ତ ଅଧିକାରୀଙ୍କୁ ଏହି ଅଭିଯାନର ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ। ଜିଲ୍ଲପାଳ ଶ୍ରୀ ଭରଦ୍ୱାଜ ଏହି ଅଭିଯାନକୁ ଅଧିକରୁ ଅଧିକ ଲୋକାଭିମୁଖୀ କରାଇବାପାଇଁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଠାରୁ ମତାମତ ନେବା ସହିତ ଏହାର ବାର୍ତ୍ତାକୁ ସଠିକ ଭାବରେ ଜନମାନସରେ ଆଦୃତ କରାଇବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ। ଏହି ବୈଠକରେ ଏ.ଡ଼ି.ପି.ଏଚ୍.ଓ, ଡଃ ଶାନ୍ତନୁ କୁମାର ଦାଶ, ଜିଲ୍ଲା ଶିକ୍ଷା ଅଧିକାରୀ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ରଂଜିତ ସୋରେନ, ଡ଼ି.ପି.ଏଚ୍.ଓ, ଡଃ ଗି. ଆର. ମୁର୍ମୁ, ଡ଼ି.ପି.ଏମ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରୀ ପ୍ରଭୁ ପ୍ରତ୍ୟନ୍ତ ପତି, ଓ ସହକାରୀ ପରିଚାଳିକା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରୀମତୀ ସ୍ୱର୍ଣ୍ଣାଳୀକା ମହାନ୍ତି ପ୍ରମୁଖ ଯୋଗ ଦେଇ ଏହି ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ସୁଚିନ୍ତିତ ମନ୍ତବ୍ୟ ପ୍ରଦାନ କରିଥିଲେ।

# ବିଜେବି ହାଇସ୍କୁଲରେ ଶହୀଦ ଦିବାକର ପରିଡ଼ାଙ୍କ ୧୧୩ ତମ ରାଜ୍ୟସ୍ତରୀୟ ଜୟନ୍ତୀ

ଖୋର୍ଦ୍ଧା. (ପି.ଏନ): ରଣପୁର ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଶହୀଦ ଦିବାକର ପରିଡ଼ାଙ୍କ ୧୧୩ ତମ ରାଜ୍ୟସ୍ତରୀୟ ଜନ୍ମ ଜୟନ୍ତୀ ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପ୍ରାର୍ଥନା ସଭାରେ ସେଠାରେ ଥିବା ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ରାଜ୍ୟସ୍ତରୀୟ ଶହୀଦ ରଘୁ ଦିବାକର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟିର ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପୂର୍ବତନ ପ୍ରଧାନଶିକ୍ଷକ ଭୀମସେନ ପ୍ରଧାନ, କଳିଙ୍ଗ ପାଇକ ସଂଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ, ଇତିଶ୍ରୀ ସାହୁ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହାପରେ ଅପରାହ୍ଣ ୩ଟା ବେଳେ ହାଇସ୍କୁଲ ସଭାଗୃହରେ ଅନୁଷ୍ଠିତ ଜୟନ୍ତୀ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ଶହୀଦ ରଘୁ ଦିବାକର ସ୍ମୃତି କମିଟିର ସଭାନେତ୍ରୀ ଅଧ୍ୟାପିକା ସୌଦାମିନୀ ପାଇକରାୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ, 'ଦେଖାଯାଉ' ପତ୍ରିକାର ସମ୍ପାଦକ ତଥା ବିପ୍ଳବୀ କବି ପ୍ରବୀର ମହାନ୍ତି ଯୋଗଦେଇ ସବୁକାଳେ ଅନ୍ୟାୟ, ଅନୀତି, ପ୍ରିୟାପ୍ରୀତି ବିରୋଧରେ ସ୍ୱର ଉତୋଳନ ହେବା ଆବଶ୍ୟକ ବୋଲି ମତ ଦେଇଥିଲେ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ। ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




# ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Bhubaneswar Friday December 01, 2023 ଭୁବନେଶ୍ୱର ଶୁକ୍ରବାର, ଡିସେମ୍ବର ୦୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ

ପୁରୀ, (ପି.ଏନ):ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବ୍ରହ୍ମଗିରି କମ୍ୟୁନିଟି ହେଲ୍ଥ ସେଂଟରର ସମ୍ମିଳନୀ କକ୍ଷରେ ଏକ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜଙ୍କ ଆଦେଶନୁସାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅମିତ କୁମାର ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା । ଏହି କର୍ମଶାଳାରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ଉତ୍ପୀଡନ(ପ୍ରତିରୋଧ,ନିଷେଧ ଏବଂ ପ୍ରତିକାର) ଅଧିନିୟମ ସମ୍ପର୍କିତ ଏକ ସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସଚିବ ଅମିତ କୁମାର ବାରିକ ନିଜ ବକ୍ତବ୍ୟରେ ଜନସାଧାରଣଙ୍କ ଆଇନଗତ ଅଧିକାର ଓ ଆଇନ ସହାୟତା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ସହ ନାରୀମାନେ କିଭଳି ନିଜ କର୍ମକ୍ଷେତ୍ରରେ ନିଜକୁ ସୁରକ୍ଷା ଦେଇ ପାରିବେ,ସେ ସମ୍ପର୍କରେ



ଆଲୋକପାତ କରିଥିଲେ । ଯୌନ ଶୋଷଣ,ପାରିବାରିକ ହିଂସା,ଶିଶୁ ଯୌନ ନିର୍ଯ୍ୟାତନା ମାମଲା ଗୁଡିକର ଯେଭଳି ତ୍ୱରିତ ବିଚାର ହୋଇ ପାରି.ସେ ସମ୍ପର୍କରେ ମତପ୍ରକାଶ କରିଥିଲେ।। ଏହି କାର୍ଯ୍ୟକ୍ରମରେ ନ୍ୟାୟଧିକାରୀ ଗ୍ରାମ ନ୍ୟାୟାଳୟ ରଶ୍ମି ନାରାୟଣୀ ମିଶ୍ର, ଡ. ରାକେଶ କୁମାର ପ୍ରଧାନ,ପି.ଆର ସାହୁ,ଭାସ୍କର ଜେନା, ବୌଦନାଥ ମିଶ୍ର,ଆଡଭୋକେଟ ସନ୍ଦିପ ବରାଳ,ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦାନ କରିଥିଲେ। ଏହି ଆଇନ ସଚେତନତା କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅମିତ କୁମାର ବାରିକ ପରିଚାଳନା କରିଥିବା ବେଳେ,ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## କ.ଅ.ତ୍ରୀ.ଶ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପୁରୀ,(ପି.ଏନ): ଆଙ୍କୁଶପୁର ସ୍ଥିତ କ.ଅ.ତ୍ରୀ.ଶ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ରେ ତା. ୩୦.୧୧.୨୦୨୩ ରିଖ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି । ବ୍ରହ୍ମପୁର ବିଧାୟକ ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରି ସରକାରଙ୍କ ଏଭଳି ଯୋଜନାକୁ ପ୍ରଶଂସା କରିଥିଲେ । ଅଧିକରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସେ ଅହ୍ୱାନ ଦେଇଥିଲେ । ମହାବିଦ୍ୟାଳୟ ର ଅଧକ୍ଷ ପ୍ରଫେସର (ଡା.) ବିପିନ୍ ବିହାରୀ ଖୁଣ୍ଟିଆ ସଭାରେ ଅଧକ୍ଷତା କରିଥିଲେ ଏବଂ ଡା. ବିମଳ କୁମାର ପଣ୍ଡା, ଉପାଧିକ୍ଷକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଯୋଜନା ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମର ନୋଡାଲ୍ ଅଫିସର ଡା.ଘାସିରାମ ସାହୁ ସଭା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ତା. ୩୦.୧୧.୨୦୨୩ରିଖ ଠାରୁ ତା.୦୭.୧୨.୨୦୨୩ରିଖ ପର୍ଯ୍ୟ' ଚାଲୁରହିବ । ଏହି ପରିପେକ୍ଷୀରେ ମହାବିଦ୍ୟାଳୟ ର ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ତଥା ସେମାନଙ୍କ ନିମତେ ପୂର୍ବାହ୍ନରେ ଏକ ଓରିଏଣେଟସନ୍ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଡା. ବିମଳ କୁମାର ପଣ୍ଡା, ଉପାଧିକ୍ଷକ ନୂତନଛାତ୍ରଛାତ୍ରୀମାନଙ୍କୁ ମହାବିଦ୍ୟାଳୟ ତଥା ଆୟୁର୍ବେଦ ସଂମ୍ବନ୍ଧରେ ଅବଗତ କରାଇଥିଲେ । ସ୍ୱାଗତ ସଭାରେ କୁକୁଡାଖଣ୍ଡି ତହସିଲଦାର ଶ୍ରୀଯୁକ୍ତ ସପନ କୁମାର ସାହୁ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅନେକ ଉପଦେଶ ମାଧ୍ୟମରେ ଜଣେ ଭଲ ଚିକିତ୍ସକ ହେବାପାଇଁ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଡା. ସ୍ୱପ୍ନା ସ୍ୱୟଂପ୍ରଭା ସଭା ସଂଯୋଜନା ଓ ଡା. ଅଶଂୁମାନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଉଭୟ କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧାପକ ଓ ଅଧାପିକା ତଥା ପ୍ରଫେସର (ଡା.) ଚିନ୍ମୟ ଭବାନୀ ପ୍ରସାଦ, ଡା.ପ୍ରଦିପ୍ତ ସିଂ, ଡା. ନିବେଦିତା ମହାପାତ୍ର, ଡା. ପ୍ରଭାକର ସାମଲ, ଡା.ସୌଭାଗ୍ୟ କୁମାର ମହାଲିକ, ଡା.ସୁବ୍ରତ କୁମାର ଓଝା, ଡା. ବିଶ୍ରିତା, ଡା.ମୁକୁନ୍ଦ, ଡା.ଅଶ୍ୱିନୀ, ଡା.ରୋହିତ୍, ଡା. ରାଜେଶ୍, ଡା. ସ୍ଥିତପ୍ରଜ୍ଞା, ଡା.ସ୍ମୃତି, ଡା. ସତାବ୍ଦି, ଡା. ଶୁଭଲକ୍ଷ୍ମୀ, ଡ.। ଜିତେନ୍ଦ୍ର, ଡା. ନିରୋଜ, ଡା. ବିଭୁ, ଡା. ନିଳାମ୍ବର, ଡା. ବିନୋଦ ଆଦି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହେଯାଗ କରିଥିଲେ ।

## ସମସ୍ତଙ୍କୁ ସାଙ୍ଗରେ ନେଇ ସଭିଙ୍କ ସ୍ୱପ୍ନକୁ ସାକାର କରିବା 'ବିକଶିତ ଭାରତ'ର ପ୍ରମୁଖ ସଂକଳ୍ପ: ଧର୍ମେନ୍ଦ୍ର ପ୍ରଧାନ

ରାଉରକେଲା, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ରାଉରକେଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକଶିତ ଭାରତ ସଂକଳ୍ପ ଯାତ୍ରା'ର ଲାଭାର୍ଥୀ ମାନଙ୍କ ସହିତ ଆଲୋଚ଼ନା ଓ ଲୋକକଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସାମିଲ ହୋଇ ମୋଦି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ସବୁଠି ପହଞ୍ଚାଇବା ପାଇଁ ଆହ୍ୱାନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ 'ବିକଶିତ ଭାରତ ସଂକଳ୍ପ ଯାତ୍ରା'ର ରଥ ଆଜି ମୋଦି ଗ୍ୟାରେଣ୍ଟି ଗାଡି ଭାବରେ ଜନପ୍ରିୟ ହୋଇଛି । ଏନ୍ଆଇଟି ରାଉରକେଲାକୁ ମଧ୍ୟ 'ମୋଦି ରଥ' ଆସିଛି । ଆଜିର ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଭାରତ ସରକାରଙ୍କ ଯୋଜନାର ଲାଭାର୍ଥୀ ହୋଇଥିବା ରାୟଗଡ଼ାର ଚ଼ାଷୀ ପୂର୍ଣ୍ଣଚ଼ନ୍ଦ୍ର ବେନିଆଙ୍କ ସମେତ ଅନେକ ହିତାଧିକାରୀଙ୍କ ସହ କଥା ହୋଇଛନ୍ତି। ପୂର୍ଣ୍ଣଚ଼ନ୍ଦ୍ର ବେନିଆ ଭାରତ ସରକାରଙ୍କର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପିଏମ୍ କିଷାନ, ଗରିବ



କଲ୍ୟାଣ ଅନ୍ନ ଯୋଜନାରେ ଉପକୃତ ହୋଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସମସ୍ତଙ୍କ କଲ୍ୟାଣ ପାଇଁ ମୋଦିଜୀ ଦେଇଥିବା ଗ୍ୟାରେଣ୍ଟି ଉପରେ ତାଙ୍କର ଅଗାଢ଼ ବିଶ୍ୱାସ ରହିଛି ।ସମସ୍ତଙ୍କୁ ସାଙ୍ଗରେ ନେଇ ସଭିଙ୍କ ସ୍ୱପ୍ନକୁ ସାକାର କରିବା ବିକଶିତ ଭାରତର ପ୍ରମୁଖ ସଂକଳ୍ପ ହୋଇଛି । ଦେଶ ଆଜି ଆଗକୁ ବଢୁଛି । ଭାରତକୁ ବିଶ୍ୱର ଦେଶରେ ପରିଣତ କରିବା ଆମର ସାମୂହିକ ଦାୟିତ୍ୱ । ଆମେ ସମସ୍ତେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତକୁ ବିକଶିତ କରିବା ପାଇଁ ସଂକଳ୍ପ ନେବା ସହ ତାଙ୍କର ନିରନ୍ତର ପରିଶ୍ରମକୁ ସାର୍ଥକ କରିବା ବୋଲି ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଉଲ୍ଲେଖନୀୟ ଯେ, ଏହି ଅବସରରେ ଶ୍ରୀ ପ୍ରଧାନ ଏନଆଇଟି ରାଉରକେଲାର ଛାତ୍ରଛାତ୍ରୀଙ୍କୁ ବିକଶିତ ଭାରତ ପାଇଁ ପଞ୍ଚ ପ୍ରଣର ଶପଥ ପାଠ ମଧ୍ୟ କରାଇଥିଲେ ।

## ୭୨ତମ ସଂସ୍କୃତି ଚର୍ଚ୍ଚା ସମାରୋହ

ଭୁବନେଶ୍ୱର,(ପି.ଏନ): ଓଡ଼ିଶାରାଜ୍ୟ ଅଭିଲେଖାଗାରରେ ୭୨ତମ ସଂସ୍କୃତିଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଅଛି ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ ପ୍ରଫେସର ବସନ୍ତ କୁମାମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ଏବଂପ୍ରାକ୍ତନ ପ୍ରଫେସର, ଇତିହାସ ବିଭାଗ ଉତ୍କଳବିଶ୍ୱବିଦ୍ୟାଳୟ, ବାଣୀବିହାରଏବଂଉପଦେଷ୍ଟା, ନ୍ୟାୟିକ ଅଭିଲେଖାଗାର, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ। ସମ୍ମାନନୀୟ ଅତିଥି ତଥା ସଭା ପରିଚାଳନା କରିଥିଲେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିଲୀପ ରାଉତରାଏ ।ସମ୍ମାନରେସ୍ୱାଗତଭାଷଣ ଦେଇଥିଲେଓଡ଼ିଶାରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ସୋଲେମାନ ଅଲ୍ଲୀଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତିବିଭାଗର ଅନୁଶାସନ ସଚିବ ଶ୍ରୀମତୀ ବନାନୀମହାପାତ୍ର। ଏହି ଅବସରରେ ମୁଖ୍ୟବକ୍ତା ପ୍ରଫେସର ବସନ୍ତ କୁମାର ମଲ୍ଲିକ,ଶ୍ରୀମଦ୍ ଭାଗବତ ଓ ଓଡ଼ିଆ ସଂସ୍କୃତିଉପରେ କହିଥିଲେ ଯେ- ମଧ୍ୟଯୁଗୀୟ ଓଡ଼ିଶାରେ ପଞ୍ଚଦଶ ଓ ଷୋଡ଼ଶଶତାବ୍ଦୀ ଏକ ପରିବର୍ତ୍ତନ ମୁଖୀ ଓ ପ୍ରଗତୀବାଦୀ ଯୁଗ ଥିଲା । ଏହିସମୟରେସାରଳା ଦାସଙ୍କ ଦ୍ୱାରାଲୋକ ଭାଷା ଓଡ଼ିଆରେ ମହାଭାରତରଚନାହେବା ପରେ ପରେଷୋଡ଼ଶଶତାବ୍ଦୀରେ ପଞ୍ଚମୁଖୀ ଯୁଗ ଆରମ୍ଭ ହୋଇଥିଲା । ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସଙ୍କୁନେଇ ପଞ୍ଚସଖା ଯୁଗକୁହାଯାଏ । ପଞ୍ଚସଖାମାନେ ସଂସ୍କୃତ ପରିବର୍ତ୍ତେ ଲୋକଭାଷା ଓଡ଼ିଆରେ ପୌରାଣିକଗ୍ରନ୍ଥ ମାନ ରଚନା କରି ଓଡ଼ିଆ ସାହିତ୍ୟରମୁଳଦୁଆ ପକାଇ ଥିଲେ ।

## ନିର୍ବାଚ଼ନ ପରିଚ଼ାଳନା ପାଇଁ ଜାଗା ଚ଼ିହ୍ନଟ ପ୍ରକ୍ରିୟା

ପୁରୀ,(ପି.ଏନ): ଭାରତର ନିର୍ବାଚ଼ନ ଆୟୁକ୍ତ ଙ୍କ ନିର୍ଦ୍ଦେଶ କ୍ରମେ ୨୦୨୪ ସାଧାରଣ ନିର୍ବାଚ଼ନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି ।ନିର୍ବାଚ଼ନ ପାଇଁ ସବୁଠାରୁ ବଡ ଉପାଦାନ ଏକ ସଠିକ ଭୋଟର ତାଲିକା। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ବର୍ତ୍ତମାନ ଜାରି ରହିଛି ଯାହା ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚ଼ାଲିବ ।ଏଥିରେ ନୂତନ ଭୋଟର ମାନଙ୍କର ସାମିଲ ସହ ମୃତ ଭୋଟର ଙ୍କୁ ବାଦ ଦେବା, ତାଲିକାରେ ତୃଟି ଥିଲେ ସଂଶୋଧନ କାର୍ଯ୍ୟ ଚ଼ାଲୁ ରହିଛି ।ନୂଆ ଭୋଟର ମାନଙ୍କୁ ପଞ୍ଜିକରଣ ପାଇଁ ସଚେତନତା ସୃଷ୍ଟି କରାଯାଇଛି ।ଅପରପକ୍ଷରେ ନିର୍ବାଚ଼ନ ସମୟରେ ଡିସପରସାଲ ବା ନିର୍ବାଚ଼ନ ପରିଚ଼ାଳନା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ କର୍ମଚ଼ାରୀ ଙ୍କୁ ସାମଗ୍ରୀ ପ୍ରଦାନ ପାଇଁ ଉପଯୁକ୍ତ ସ୍ଥାନ ଚ଼ିହ୍ନଟ ,ଇଭିଏମ ରହଣି ସ୍ଥଳ, ଭୋଟ ଗଣତି ସ୍ଥାନ ଚ଼ିହ୍ନଟ ଆରମ୍ଭ ହୋଇଛି ।ବିଗତ ନିର୍ବାଚ଼ନ ମାନଙ୍କ ରେ କେନ୍ଦ୍ରୀୟ ବିଦ୍ୟାଳୟ, ଏସସିଏସ ମହାବିଦ୍ୟାଳୟ ରେ ଏହା କରାଯାଉଥିଲା ।ବର୍ତ୍ତମାନ ପେଣ୍ଠକଟା ଇଭିଏମ ଗୋଦାମ କେନ୍ଦ୍ର ସହ ଉପରୋକ୍ତ ଦୁଇ ସ୍ଥାନ କୁ ଅନୁଧ୍ୟାନ କରାଯାଉଛି ।ଆଜି ପୂର୍ବାହ୍ନରେ ରିଟର୍ଣ୍ଣିଂ ଅଫିସର ଦାୟିତ୍ୱ ରେ ଥିବା ୬ ଅଧିକାରୀ ଯଥା ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚ଼ନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ ଶରତ ଚ଼ନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ ଓ ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଂସଦା ଏହି ସ୍ଥାନ ଗୁଡିକ ପରିଦର୍ଶନ କରିଥିଲେ ।ଏହାର ଅନୁଧ୍ୟାନ ରିପୋର୍ଟ ଜିଲ୍ଲାପାଳ ଙ୍କୁ ପ୍ରଦାନ କରାଯାଇ ସ୍ଥାନ ଚୁଡାନ୍ତ କରାଯିବ ବୋଲି ନିର୍ବାଚ଼ନ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ସୂଚ଼ନା ଦେଇଛନ୍ତି ।ସୂଚ଼ନାଯୋଗ୍ୟ ଯେ ପୁରୀ ଓ ଜଗତସିଂହପୁର ଲୋକସଭା ଆସନର ଅଂଶ ସହ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି ନିମାପଡା ଓ କାକଟପୁର ବିଧାନସଭା ନିର୍ବାଚ଼ନ ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥାଏ ।







Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray